ବର୍ଷ-୨୫, ସଂଖ୍ୟା-୧୪
ଭୁବନେଶ୍ୱର
୧୪, ଜାନୁଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 14
Bhubaneswar
14, January, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମୁଁ ବହୁତ ଭଲ ଜୀବନ ବଞ୍ଚିଛି ଏବଂ ଆଶା କରୁଛି ଜାରି ରହିବ : ମନୀଷା

# ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ ପାଇଁ ଏମଓୟୁ





**ନୂଆଦିଲ୍ଲୀ, ୧୩।୧ (ମହାଭାରତ):** କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍.ଏଚ୍.ଏ.) ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହିତ ଏକ ବୁଝାମଣା ପତ୍ର (ଏମ୍.ଓ.ୟୁ) ସ୍ୱାକ୍ଷର କରିବା ପରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି ପିଏମ୍-ଜେଏୱାଇ) ଲାଗୁ କରିବାରେ ଓଡ଼ିଶା ୩୪ତମ ରାଜ୍ୟ ହୋଇପାରିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଚଏ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲଏସ ଚାଙ୍ଗସାନ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଅଶ୍ୱଥୀ ଏସ ଏମଓୟୁରେ ସ୍ୱାକ୍ଷର କରିଥିଲେ।

ସ୍ୱାକ୍ଷର ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶାରେ ବର୍ତ୍ତମାନର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ସହିତ ମିଶି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି ପିଏମ୍-ଜେଏୱାଇ) କାର୍ଯ୍ୟକାରୀ କରାଯିବ। ଏହା ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରିବ। କେନ୍ଦ୍ର ସରକାରଙ୍କ ସହାୟତାରେ ୬୭.୮ ଲକ୍ଷ ପରିବାର ସହିତ ମୋଟ ପାଖାପାଖି ୧ କୋଟି ୩ ଲକ୍ଷ ପରିବାର ଏହି ସମ୍ମିଳିତ ଯୋଜନା ଅଧୀନରେ ଆସିବେ।

ସମାବେଶକୁ ସମ୍ବୋଧିତ କରି ଜେ.ପି. ନଡ୍ଡା କହିଥିଲେ, ''ଆଜି ଓଡ଼ିଶା ପାଇଁ ଏକ ଐତିହାସିକ ଦିନ। ଏବି ପିଏମ-ଜେଏୱାଇ କେବଳ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ କଭରେଜ୍ ଯୋଜନା ନୁହେଁ ବରଂ ଏହି ଯୋଜନା ଆରମ୍ଭ ପରଠାରୁ କାର୍ଯ୍ୟକାରୀ ହେଉଥିବା ଦ୍ରୁତତମ ମଧ୍ୟ। ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ହୋଇଛି ଏବଂ ଭାରତର ପାଖାପାଖି ୪୫ ପ୍ରତିଶତ ଜନସଂଖ୍ୟାକୁ ଏଥିରେ ସାମିଲ କରାଯାଇଛି ବୋଲି ସେ କହିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଅକ୍ଟୋବର ୨୦୨୪ରେ ଆୟୁଷ୍ମାନ ବୟ ବନ୍ଦନା କାର୍ଡର ଶୁଭାରମ୍ଭ କରିଥିଲେ ଯାହା ୭୦ବର୍ଷ ଏବଂ ତତୋଧିକ ବୟସର ପ୍ରାୟ ୬ କୋଟି ଲୋକଙ୍କୁ ଉପକୃତ କରିବ।

ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ''ଆମ ରାଜ୍ୟର ଲୋକମାନେ, ଯେଉଁମାନେ ପୂର୍ବରୁ ପ୍ରାୟ ୯୦୦ ପାନେଲଭୁକ୍ତ ଡାକ୍ତରଖାନାରେ ଚିକିତ୍ସା ପାଉଥିଲେ, ବର୍ତ୍ତମାନ ୨୯ ହଜାରରୁ ଅଧିକ ସରକାରୀ ଏବଂ ବେସରକାରୀ ପାନେଲଭୁକ୍ତ ଡାକ୍ତରଖାନାରେ ନଗଦବିହୀନ ଏବଂ ଗୁଣାତ୍ମକ ଚିକିତ୍ସା ସୁବିଧା ପାଇପାରିବେ।'' ସେ କହିଥିଲେ ଯେ ଏହି ସମନ୍ୱିତ ଯୋଜନାଗୁଡ଼ିକ ଦ୍ୱାରା ଗୋଟିଏ କାର୍ଡ ଜରିଆରେ ଓଡ଼ିଶାର ପାଖାପାଖି ସାଢ଼େ ଚାରି କୋଟି ଲୋକ ଉପକୃତ ହେବେ। ସେ ଆହୁରି ମଧ୍ୟ କହିଥିଲେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅବସର କାରଣ ଏହା ଓଡ଼ିଶାର ୮୬ ପ୍ରତିଶତ ଜନସଂଖ୍ୟାର ସ୍ୱାସ୍ଥ୍ୟ ସ୍ଥିତିରେ ପରିବର୍ତ୍ତନ ଆଣିବ। ଏହି ଯୋଜନା ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରଗତିଶୀଳ ବିକାଶକୁ ଆହୁରି ଡିଜିଟାଲ୍ କରିବ।

ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଏହି ସମନ୍ୱିତ ଯୋଜନା ଓଡ଼ିଶାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ଆଣିବ। ଏହା ବିକଶିତ ଭାରତ ଏବଂ ଉତ୍କର୍ଷ ଓଡ଼ିଶା ଲକ୍ଷ୍ୟ ହାସଲ ଦିଗରେ (ପୃ-୮)

## ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୧ (ମହାଭାରତ): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ, ଭାରତ ସରକାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ମଧ୍ୟରେ ଏମଓୟୁ ପାଇଁ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଯୋଜନା ଲୋକମାନଙ୍କୁ, ବିଶେଷକରି ନାରୀ ଶକ୍ତି ଓ ବରିଷ୍ଠ ନାଗରିକମାନଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଜବାବରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି : "ଓଡ଼ିଶାର ଲୋକମାନଙ୍କୁ ଅଭିନନ୍ଦନ। ଏହା ଏକ ବିଡ଼ମ୍ବନା ଯେ ପୂର୍ବବର୍ତ୍ତୀ ସରକାର ମୋ ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଆୟୁଷ୍ମାନ ଭାରତର ସୁବିଧା ପାଇବାରୁ ବଂଚିତ କରି ରଖିଥିଲେ। ଏହି ଯୋଜନା ସୁଲଭ ମୂଲ୍ୟରେ ଉଚ୍ଚମାନର ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ। ଏହା ବିଶେଷଭାବରେ ନାରୀ ଶକ୍ତି ଓ ବରିଷ୍ଠ ନାଗରିକମାନଙ୍କୁ ଉପକୃତ କରିବ।

## ଲୋକସେବା ଭବନରୁ ଠକ ଗିରଫ

**ଭୁବନେଶ୍ୱର, ୧୩।୧ (ମହାଭାରତ):** ଲୋକସେବା ଭବନରୁ ଜଣେ ଦଲାଲକୁ ଗିରଫ କରିଛି କମିଶନରେଟ ପୁଲିସ୍। କ୍ୟାପିଟାଲ ଥାନା ପୁଲିସ୍ ଦଲାଲ ବ୍ୟାସଦେବ ରଣାକୁ ଗିରଫ କରିଛି। ବ୍ୟାସଦେବ ନିଜକୁ ପଞ୍ଚାୟତି ରାଜ ବିଭାଗର ଜଣେ ସେକ୍ସନ ଅଫିସର ଭାବେ ପରିଚୟ ଦେଇ ଲୋକଙ୍କୁ ଠକି ଚାଲିଥିଲା। ଏହିକ୍ରମରେ ସେ ଜଣଙ୍କ ଠାରୁ ଚାକିରି କରାଇ ଦେବା ନାଁରେ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପୁଲିସ୍ ତା'କୁ ଗିରଫ କରିଛି।ଗିରଫ ବ୍ୟାସଦେବ ରଣା ଠାରୁ ପଞ୍ଚାୟତିରାଜ ବିଭାଗର ଜାଲ୍ ଆଇକାର୍ଡ ମଧ୍ୟ ଜବତ ହୋଇଛି। ଠକ ବ୍ୟାସଦେବ ଘର କଳାହାଣ୍ଡି ନର୍ଲାରେ। ସେ କିଛି ଦିନ ହେବ ଭୁବନେଶ୍ୱରର ଏକାମ୍ର ଅଞ୍ଚଳରେ ରହୁଥିଲା। ତା'ର ବୟସ ୪୭ ବର୍ଷ ବୋଲି ପୁଲିସ୍ କହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟାସଦେବ ରଣା ଜାଲ ପରିଚୟପତ୍ର ଦ୍ୱାରା ବର୍ଷ ବର୍ଷ ଧରି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ସେକ୍ସନ ଅଫିସର ବୋଲି ନିଜର ପରିଚୟ ଦେଉଥିଲା। ସେ ଉକ୍ତ ଜାଲ ପରିଚୟପତ୍ର ଦ୍ୱାରା ଅବଧାରେ ଲୋକସେବା ଭବନ ଭଳି ସରକାରୀ ପେଣ୍ଠ ସ୍ଥଳରେ ପ୍ରବେଶ କରୁଥିଲା। ଲୋକଙ୍କୁ ଚାକିରି ଦେବା ନାଁରେ ସେ ଟଙ୍କା ଲୁଟ କରୁଥିଲା। ସେ ପୁରୀ ଜିଲ୍ଲା ପିପିଲିର ଜଣେ ଯୁବକଙ୍କୁ ସରକାରୀ ଚାକିରିର ପ୍ରତିଶ୍ରୁତି ଦେଇଥିଲା। ଏଥିପାଇଁ ତାଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ମଧ୍ୟ ଠକି ନେଇଥିବା ଅଭିଯୋଗ ହୋଇଛି।

## ମିସା ବନ୍ଦୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୦୧ (ମହାଭାରତ) :** ଆଜି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜରୁରୀକାଳୀନ ପରିସ୍ଥିତି ଜାରି ହେବା ସମୟରେ ଯେଉଁମାନେ ଏମ୍ଆଇଏସ୍ଏ, ଡିଆଇଆର ଓ ଡ଼ିଆଇଏସ୍ଆଇଆର ଆଇନ ବଳରେ ରାଜ୍ୟର ବିଭିନ୍ନ ଜେଲ ରେ କାରାବରଣ କରିଥିଲେ ସେମାନଙ୍କ ଏକ ନିର୍ଭୁଲ ତାଲିକା ଜିଲ୍ଲା ସ୍ତରରେ ପ୍ରସ୍ତୁତ କରାଯିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ଆଭାସି ଯୋଗେ ସମସ୍ତ ଜିଲ୍ଲାପାଳ ଓ ଏସ ପି ମାନଙ୍କ ସହ କଥାବାର୍ତ୍ତା କରିଥିଲେ।

ଆବେଦନକାରୀଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ସମ୍ପୃକ୍ତ ଜିଲ୍ଲାର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଆବେଦନପତ୍ର ସହିତ ପ୍ରାସଙ୍ଗିକ ଡକ୍ୟୁମେଣ୍ଟ ଏବଂ ତିନି ଜଣ ପ୍ରମୁଖ ସହ-ବନ୍ଦୀଙ୍କ ନାମ ଏବଂ ଓଡ଼ିଶା ରାଜ୍ୟରେ ଉକ୍ତ ସମୟ ମଧ୍ୟରେ ଏମ୍ଆଇଏସ୍ଏ, ଡିଆଇଆର ଓ ଡ଼ିଆଇଏସ୍ଆଇଆର ଅଧୀନରେ ତାଙ୍କ ଅଟକର ସମର୍ଥନରେ ଏକ ଶପଥପତ୍ର ଦାଖଲ କରିବାକୁ ପଡିବ। ଆବେଦନ ଫର୍ମରେ ନାମ, ପିତା/ସ୍ୱାମୀଙ୍କ ନାମ, ଜନ୍ମ ତାରିଖ, ଠିକଣା (ସ୍ଥାୟୀ ଏବଂ ଚିଠିପତ୍ର ଉଭୟ), ଆଧାର ନମ୍ବର (ଆଧାର କାର୍ଡର କପି ସହିତ), ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଅଟକ ଅବଧି ଏବଂ ଅଟକ ସ୍ଥାନ, ପାସପୋର୍ଟ ଆକାର ଫଟୋଗ୍ରାଫ ପାଇଁ ସ୍ଥାନ, ଆବେଦନକାରୀଙ୍କ ପରିଚୟ ଚିହ୍ନ, ନିର୍ଦ୍ଧାରିତ ଫର୍ମାଟରେ ପେନସନ ଏବଂ ପ୍ରତିଶ୍ରୁତି ପାଇବାକୁ ଇଚ୍ଛୁକ ଟ୍ରେଜେରୀର ନାମ ରହିବ। ଆବେଦନ ପାଇବା ପରେ, ଏହାକୁ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି ସମ୍ମୁଖରେ ରଖାଯିବ, ଯେଉଁଥିରେ ଜିଲ୍ଲାର ପୋଲିସ ଅଧୀକ୍ଷକ ଏବଂ ଜିଲ୍ଲା/ସ୍ୱତନ୍ତ୍ର ଜେଲ/ସବଜେଲର ଜେଲ ଅଧୀକ୍ଷକ (ମାନେ) ଆବେଦନଗୁଡ଼ିକର ଯାଞ୍ଚ ପାଇଁ ସଦସ୍ୟ ଭାବରେ ରହିବେ। ଉକ୍ତ କମିଟି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବେ। ସମ୍ପୃକ୍ତ କଲେକ୍ଟର ଏବଂ ଡି.ଏମ୍. କମିଟି ଦ୍ୱାରା ସୁପାରିଶ କରାଯାଇଥିବା ଯୋଗ୍ୟ ଆବେଦନକାରୀଙ୍କ ତାଲିକା ସହିତ ସହାୟକ ଡକ୍ୟୁମେଣ୍ଟଗୁଡ଼ିକୁ ସରକାରଙ୍କ ଗୃହ ବିଭାଗକୁ ବିଚାର ପାଇଁ ପ୍ରଦାନ କରିବେ। ସମ୍ପୃକ୍ତ ଜିଲ୍ଲା କଲେକ୍ଟରଙ୍କଠାରୁ ପ୍ରାପ୍ତ ସୁପାରିଶଗୁଡ଼ିକୁ ବିଚାର କରିବା ପାଇଁ ସଚିବ (ସ୍ୱରାଷ୍ଟ୍ର ବିଭାଗ), ସଚିବ (ଅର୍ଥ ବିଭାଗ), ସଚିବ (ଆଇନ ବିଭାଗ), ଆର୍ଥିକ ପରାମର୍ଶଦାତା (ସ୍ୱରାଷ୍ଟ୍ର), ମହାନିର୍ଦ୍ଦେଶକ (ପୋଲିସ) ଏବଂ ମହାନିର୍ଦ୍ଦେଶକ (କାରାଗାର)ଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ କମିଟି ଗଠନ କରାଯିବ। ଗୃହ ବିଭାଗ ଉପରୋକ୍ତ ରାଜ୍ୟ ସ୍ତରୀୟ କମିଟିର ସୁପାରିଶ ଆଧାରରେ ଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ ଲାଭ ବୃଦ୍ଧି ପାଇଁ ସରକାରୀ ନିର୍ଦ୍ଦେଶ ପାଇବ ଏବଂ ପେନସନ ଆଦାୟ ପାଇଁ ଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଜାରି କରିବ।

## ପୁରସ୍କାର ଘୋଷିତ ମହିଳା ନକ୍ସଲ ଗିରଫ

**ମାଲକାନଗିରି, ୧୩।୧ (ମହାଭାରତ) :** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେର ଜିଲ୍ଲା ପୁଲିସକୁ ଆଉ ଏକ ସଫଳତା ମିଳିଛି। ଗତ ଡିସେମ୍ବର ୨୨ ତାରିଖରେ ଏସଜେଡସିଏମ ବାଲମୁରି ନାରାୟଣ ରାଓକୁ କାଙ୍କେର ପୁଲିସ ଗିରଫ କରିଥିବା ବେଳେ ତାଙ୍କ ପତ୍ନୀ ରାଜେ କାଙ୍ଗେ ଓରଫ ନିର୍ମଳା ଓରଫ ମାଳତିକୁ ମଧ୍ୟ ଗିରଫ କରାଯାଇଛି। ମାଳତିଙ୍କୁ ଶ୍ୟାମନାଥ ଉସେଣ୍ଡି ନାମକ ଜଣେ ବ୍ୟକ୍ତି ଶରଣ ଦେଇଥିଲେ। ତୁରନ୍ତ ପୁଲିସ ଶ୍ୟାମନାଥଙ୍କର ଘର କୋଣ୍ଡସେଲଭାଟ ଗ୍ରାମକୁ ଘେରାଉ କରି ଦୁଇ ଜଣକୁ ଗିରଫ କରିଥିଲେ। ମାଳତିଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ମାଳତି ଏବଂ ଶ୍ୟାମନାଥଙ୍କୁ ପୁଲିସ ପଚରାଉଚରା କରୁଛି। ତେବେ ପୁଲିସ ମାଓ ସଂଗଠନର ସକ୍ରିୟ ଦମ୍ପତିକୁ ଗିରଫ କରିବାରେ ସଫଳ ପାଇଥିବାରୁ ଆଗକୁ ମଧ୍ୟ ନକ୍ସଲ ଦମନରେ ସଫଳତା ପାଇବ ବୋଲି ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

## ଗ୍ରାମୀଣ ଅର୍ଥନୀତିରେ ପଶୁପାଳନର ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଷ୍ଟ୍ରପତି

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୧:** ରାଷ୍ଟ୍ରୀୟ ଦୁଗ୍ଧ ବିକାଶ ବୋର୍ଡର ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ଫେଡେରେସନ୍ (ଓମଫେଡ୍) ପାଇଁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗାଈ ଇନଡକ୍ସନ୍, ଗିଫ୍ଟମିଲ୍କ ଏବଂ ମାର୍କେଟ ସହାୟତା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି।



ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ, ଗ୍ରାମୀଣ ଅର୍ଥନୀତି ଏବଂ ଗ୍ରାମୀଣ ଘରୋଇ ଆୟରେ ପଶୁପାଳନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭାରତରେ ବିଭିନ୍ନ ପ୍ରକାରର ପଶୁପାଳନ ପ୍ରଜାତି ଅଛନ୍ତି। ସେହି ସମସ୍ତ ପ୍ରଜାତି ଦେଶର ସମୃଦ୍ଧ କୃଷି ବିକାଶରେ ସହାୟତା ପ୍ରଦାନ କରିଥାନ୍ତି। ଆମର ପଶୁପାଳନକୁ ବିକଶିତ କରିବା ଏବଂ ପ୍ରୋତ୍ସାହନ ଦେବା ପାଇଁ ପ୍ରଜାତିଗୁଡିକର ବିକାଶ ଏବଂ ପଶୁମାନଙ୍କର ଜେନେଟିକ ଉନ୍ନୟନ ପାଇଁ ସରକାର ଅନେକ ପଦକ୍ଷେପ ଏବଂ ନୀତି ପ୍ରଣୟନ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ରରେ ଭାରତର ସଫଳତା ଅତୁଳନୀୟ ଆମର ଦୁଗ୍ଧ ଉତ୍ପାଦନକାରୀ ଗାଈଗୋରୁମାନଙ୍କର ଉତ୍ପାଦକତା ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ ଅସାଧାରଣ ଅଭିବୃଦ୍ଧି ଘଟିଛି।ଏହି ସମସ୍ତ ସଫଳତା ପଶୁପାଳନରେ ଉତ୍କର୍ଷତା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ତଥାପି, ପଶୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନେକ କିଛି କରାଯାଇପାରିବ ସେ ଜାତୀୟ ଗୋକୁଳ ମିଶନର ଉଦ୍ଦେଶ୍ୟ ଏବଂ ଉଦ୍ୟମକୁ ପ୍ରଶଂସା କରିଛନ୍ତି।ରାଷ୍ଟ୍ରପତି କହିଛନ୍ତି ଯେ, ପଶୁମାନଙ୍କର ସଂଖ୍ୟା ଏବଂ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଖାଦ୍ୟ ପଦାର୍ଥର ଗୁଣବତ୍ତା ଏବଂ ଦୁଗ୍ଧ ସମେତ ପଶୁମାନଙ୍କଠାରୁ ମିଳୁଥିବା ଅନ୍ୟାନ୍ୟ ସାମଗ୍ରୀର ଉନ୍ନତି ହେବ ଦେଶର ସମସ୍ତ କ୍ଷେତ୍ରରେ ଏଭଳି ପ୍ରୟାସ ଦ୍ୱାରା ଏକ ସୁସ୍ଥ ଭାରତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ସୃଷ୍ଟି ହୋଇପାରିବ।

## ଆସ୍ଥା ମହାକୁମ୍ଭରେ ଶ୍ରଦ୍ଧାର ବୁଡ଼



ଲକ୍ଷ୍ନୌ, ୧୩।୦୧ : ତୀର୍ଥରାଜ ପ୍ରୟାଗରେ ଆରମ୍ଭ ହୋଇଛି। ମହାକୁମ୍ଭ ମେଳା ତ୍ରିବେଣୀ ସଂଗମରେ ଆରମ୍ଭ ହୋଇଛି। ପ୍ରଥମ ପୁଣ୍ୟ ସ୍ନାନ ବୁଡ଼ ପକାଇ ପାପ ଧୋଇବାକୁ ପ୍ରୟାଗରାଜରେ କୋଟି କୋଟି ଶ୍ରଦ୍ଧାଳୁ ଏକାଠି ହୋଇଛନ୍ତି। ପ୍ରଥମେ ସାଧୁ ସନ୍ଥ ଓ ତାପରେ କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମ ସ୍ଥଳରେ ବୁଡ଼ ପକାଉଛନ୍ତି ଏଥିପାଇଁ ସଂଗମ ତଟରେ ଲାଗିଛି ସାଧୁ ସନ୍ଥ ଓ ଭକ୍ତଙ୍କ ଗହଳି।

ବିଭିନ୍ନ ଆଖଡ଼ାର ସାଧୁ ସନ୍ଥଙ୍କ ହୋମ ଯଜ୍ଞ ଓ ମନ୍ତ୍ରଧ୍ୱନୀରେ କମ୍ପୁଛି ଚଉଦିଗ ଏଥର ୬ଟି ସ୍ନାନ ତିଥି ରହିଥିବା ବେଳେ ୪୫ କୋଟି ଲୋକଙ୍କ ଆଗମନ ହେବ। ସେଥିପାଇଁ ୟୁପି ସରକାରଙ୍କ ପକ୍ଷରୁ ମହା ଆୟୋଜନ ସହ କଡ଼ା ସୁରକ୍ଷା ବ୍ୟବସ୍ଥା ବି ଗ୍ରହଣ କରାଯାଇଛି।ମହାକୁମ୍ଭର ମହାଆରମ୍ଭ ପୂର୍ବରୁ ଗତକାଲି ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ହୋଇଛି ଗଙ୍ଗା ଆରତି ପ୍ରୟାଗରାଜରେ ଏହି ସ୍ୱତନ୍ତ୍ର ଆରତି କରିଛନ୍ତି ମହିଳା। ସେହିପରି ଅଯୋଧ୍ୟାର ସରଯୁ ଘାଟରେ ସନ୍ଧ୍ୟା ଆରତି ହୋଇଛି ପୁରୋହିତଙ୍କ ବେଦ ପାଠ ଓ ମନ୍ତ୍ରରେ ଆଧାତ୍ମିକ ହୋଇଥିଲା ସାରା ପରିବେଶ ସୂର୍ଯ୍ୟାସ୍ତ ସମୟରେ ହେଉଥିବା ଏହି ସ୍ୱତନ୍ତ୍ର ଆରତିରେ ସାମିଲ ହୋଇଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ ସେପଟେ ମନ ମୋହିଛି ଚିତ୍ତାକର୍ଷକ ଲେଜର୍ ଶୋ ପ୍ରୟାଗରାଜରେ ମହାକୁମ୍ଭର ବିଶେଷତା ବଖାଣିଛି ଆକର୍ଷଣୀୟ ଲେଜର ଶୋ ।

## ଅପରାଧ ରୋକିବେ ସାଇବର୍ କମାଣ୍ଡୋ

**କଟକ, ୧୩।୦୧ (ମହାଭାରତ) :** ରାଜ୍ୟବ୍ୟାପୀ ବିଭିନ୍ନ ଥାନାରେ ସାଇବର ଅପରାଧ ଅଭିଯୋଗ ବଢ଼ିବାରେ ଲାଗିଛି। ତଦନ୍ତ ପ୍ରକ୍ରିୟାରେ ପୁଲିସ୍ ସେତେଟା ସଫଳ ହେଉନଥିବାରୁ ଏତଲାକାରୀ ନିରାଶ ହେଉଛନ୍ତି। ଏଭଳି ସ୍ଥିତିରେ ଆଗାମୀ ଦିନରେ ସାଇବର ଅପରାଧ ତଦନ୍ତରେ ରାଜ୍ୟ ପୁଲିସ୍ ବାହିନୀରେ ସାଇବର କମାଣ୍ଡୋମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି। ରାଜ୍ୟ ପୁଲିସ୍ ବାହିନୀ ପକ୍ଷରୁ ସାଇବର କମାଣ୍ଡୋ ଚୟନ ପ୍ରକ୍ରିୟା କରାଯାଉଛି। ଜିଲ୍ଲା ସ୍ତରରୁ ସୁପାରିସ ହୋଇଥିବା ବିଟେକ୍ ଡିଗ୍ରୀଧାରୀ ଏସ୍ଆଇଙ୍କଠାରୁ ଆରମ୍ଭ କରି ଏଏସ୍ଆଇ ଓ କନେଷ୍ଟବଲ ପ୍ରମୁଖ ଭୁବନେଶ୍ୱରସ୍ଥିତ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଟିଟିଆଇ)ରେ ଶନିବାର ଏହି ପରୀକ୍ଷା ଦେଇଥିବା ସୂଚନା ମିଳିଛି।



ପ୍ରାଥମିକ ପର୍ଯ୍ୟାୟରେ ଶହେ ଜଣ ପୁଲିସ୍ କର୍ମଚାରୀ ପରୀକ୍ଷା ଦେଇଛନ୍ତି। ଓଏମ୍ଆର୍ ଭିତ୍ତିକ ୨୦୦ ନମ୍ବରର ପରୀକ୍ଷା ସାଇବର ଅପରାଧ ସଂକ୍ରାନ୍ତ ପ୍ରଶ୍ନକୁ ନେଇ ହୋଇଥିଲା। ପରୀକ୍ଷା ଦେଇଥିବା ପୁଲିସ୍ କର୍ମଚାରୀମାନଙ୍କ ମଧ୍ୟରୁ ଖୁବ ଶୀଘ୍ର ଯୋଗ୍ୟତା ତାଲିକା ପ୍ରକାଶ ପାଇବ। ଯୋଗ୍ୟ ପୁଲିସ କର୍ମଚାରୀଙ୍କୁ ଜାତୀୟ ସ୍ତରରେ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେସନ୍ ସେଣ୍ଟର ପକ୍ଷରୁ ସାଇବର ଅପରାଧ ତଦନ୍ତରେ ଦକ୍ଷତା ବୃଦ୍ଧି ଲାଗି ଟ୍ରେନିଂ ଦିଆଯିବ। ଆଇଆଇଟି ବିଶେଷଜ୍ଞ ସମେତ ସାଇବର ଜ୍ଞାନକୌଶଳ ସମ୍ପର୍କରେ ଜାତୀୟ ସ୍ତରରେ ଦକ୍ଷ ଅଧିକାରୀମାନଙ୍କଠାରୁ ସମ୍ପୃକ୍ତ ସାଇବର କମାଣ୍ଡୋମାନେ ତାଲିମ୍ ନେଇ ଫେରିବା ପରେ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ।

ସାଇବର ଠକେଇ ସଂକ୍ରାନ୍ତରେ ୨୦୨୩ରେ ରାଜ୍ୟରେ ବିଭିନ୍ନ ଥାନାରେ ୧୮ ହଜାର ୯୯୪ ଅଭିଯୋଗ ହୋଇଥିବା ବେଳେ ୨୦୨୪ରେ ୪୦ ହଜାର ୨୭୦ ଅଭିଯୋଗ ହୋଇଥିଲା। ଏହି ଦୁଇ ବର୍ଷରେ ହୋଇଥିବା ଅଭିଯୋଗରୁ ପୁଲିସ୍ ମାତ୍ର ୭୬୯ଟି ମାମଲା ରୁଜୁ କରିଥିଲା। ଅଧିକାଂଶ ସାଇବର ଠକେଇ ଅଭିଯୋଗରେ ଅଭିଯୋଗକାରୀଙ୍କ ଏତଲାକୁ ପୁଲିସ୍ ଗୁରୁତ୍ୱ ଦେଉନଥିବାରୁ ସେଗୁଡ଼ିକ ପଞ୍ଜିକୃତ ହୋଇପାରୁନଥିବା ଜଣାଯାଇଛି। ଥାନା ସ୍ତରରେ ସାଇବର ଅପରାଧ ତଦନ୍ତରେ ଅଫିସରମାନଙ୍କ ଦକ୍ଷତା ନଥିବାରୁ ସେମାନେ ମାମଲା ରୁଜୁ କରି ବୋଝ ନେବାକୁ ପ୍ରସ୍ତୁତ ନାହାନ୍ତି ବୋଲି ଜଣେ ଅଧିକାରୀ କହିଛନ୍ତି।

## ଖୋଲୁଛି ହଂସିତାଙ୍କ କଳାକାରନାମାର ପେଡ଼ି

**ଭୁବନେଶ୍ୱର, ୧୩।୧ (ମହାଭାରତ):** ହାଇପ୍ରୋଫାଇଲ ଠକ ଦମ୍ପତି ହଂସିତା ଅଭିଲିପ୍ସା ଏବଂ ଅନିଲ ମହାନ୍ତିଙ୍କ ସମ୍ପତି ବିକ୍ରି ଉପରେ ରୋକ ଲାଗିଛି । ଆୟକର ବିଭାଗ ଆରଟିଓ ଏବଂ ଆଇଜିଆରକୁ ଚିଠି ଲେଖିଛି। ଦାମୀ କାର ବିକ୍ରି ନହେବା ପାଇଁ ଆରଟିଓକୁ ୫ଟି ଗାଡିର ତଥ୍ୟ ଦେଇଥିଲା ଆୟକର ବିଭାଗ। ସେହିସବୁ ଦାମୀ ଗାଡିକୁ ବ୍ଲକ କରିଛି ଆରଟିଓ।

ସେହିଭଳି ହଂସିତା ଏବଂ ଅନିଲଙ୍କର ମିଳିଥିବା ସମ୍ପତି ବିକ୍ରି ନହେବା ପାଇଁ ଆଇଜିଆରକୁ ଚିଠି ଲେଖିଛି ଆୟକର ବିଭାଗ। ଆୟକର ବିଭାଗ ସୂଚନା ଅନୁଯାଇ ଅନିଲ ଏବଂ ହଂସିତାଙ୍କ ସହ ସମ୍ପୃକ୍ତି ଥିବା ୧୫ରୁ ଅଧିକ ଲୋକଙ୍କୁ ଜେରା କରିଛି ଆୟକର ବିଭାଗ । ଆଗକୁ ମଧ୍ୟ ଅନେକ ଲୋକ ଜେରା ହୋଇପାରନ୍ତି। ସେମାନଙ୍କର ଲିଷ୍ଟ ତିଆରି କରିଛି ଆଇଟି ଟିମ । ଆୟକର ବିଭାଗର ତଦନ୍ତ ଯେତିକି ଆଗଉଛି, ସେତିକି ରୋଚକ ତଥ୍ୟ ପଦାକୁ ଆସୁଛି। କେମିତି ଝାଡ଼ଖଣ୍ଡର ଟ୍ରେଡିଂ କମ୍ପାନି ସହ ୩୦୦ କୋଟିର ଡିଲ କରିଥିଲେ ଏହି ଧୂର୍ତ୍ତ ଦମ୍ପତି ତାର ଖୁଲାସା କରିଛି ଆଇଟି ବିଭାଗ। ଏପରିକି ୩୦ କୋଟି ଟଙ୍କା ଅଗ୍ରୀମ ଆଣି କିଣିଥିଲେ ଘର ଓ ଗାଡ଼ି ସରୋଜ ସାହୁର ମୋବାଇଲ ଚାଟିଂରୁ ଏହି ଟଙ୍କା କାରବାରର ଟେର ପାଇଛି ତଦନ୍ତକାରୀ ସଂସ୍ଥା। ଏ ପର୍ଯ୍ୟନ୍ତ ୧୨ ଜଣ ବିଲ୍‌ଡର, ଠିକାଦାର ଓ ବ୍ୟବସାୟୀଙ୍କ ଡାକି ଜେରା କରିସାରିଲାଣି ।ଆଗକୁ କିଛି ରାଜନେତାଙ୍କୁ ଡାକି ଝାଲବୁହା ଜେରା କରିବାକୁ ତାଲିକା ପ୍ରସ୍ତୁତ କରିଛି।



ଓଡ଼ିଶାର ସୀମା ଡେଇଁ ପଡ଼ୋଶୀ ରାଜ୍ୟରେ ମାୟାଜାଲ ବିଛାଇଥିଲା କର୍ପୋରେଟ ଦଲାଲ ହଂସିତା ଅଭିଲିପ୍ସା ଆୟକର ବିଭାଗ ହାତରେ ଲାଗିଛି, କେମିତି ପ୍ରଭାବଶାଳୀ ବ୍ୟକ୍ତି ଓ ସଂସ୍ଥାକୁ ଲୁଟୁଥିଲା ଏହି ମାୟାବିନୀ ଟାର୍ଗେଟ ଫିକ୍ସ କରି ଲୁଟ୍ ପାଇଁ ବନାଉଥିଲା ବ୍ଲୁ-ପ୍ରିଣ୍ଟ। ଝାଡ଼ଖଣ୍ଡରେ ଥିବା ଏକ ଟ୍ରେଡିଂ କମ୍ପାନି ବୋକାରୋରେ ଲୁଟର ସମ୍ଭାବନା ଥିବା ଜାଣିପାରି ଝାଡ଼ଖଣ୍ଡରେ ଅଫିସ ଖୋଲିଥିଲା ଧୂର୍ତ୍ତ ହଂସିତା କମ୍ପାନିର ଜଣେ କର୍ମଚାରୀଙ୍କୁ ବିଶ୍ୱାସକୁ ନେଇ ୩୦୦ କୋଟିର ଡିଲ କରିଥିଲା।

ଝାଡ଼ଖଣ୍ଡରେ ବୋକାରୋ କମ୍ପାନି ତାର ଫ୍ୟାକ୍ଟ୍ରି ବଢ଼ାଇବାକୁ ଚାହୁଁଥିଲା। ପଜେସନ୍ ପାଇଁ ଲୋକ ଖୋଜୁଥିଲା ବୋକାରୋ କମ୍ପାନି। ପ୍ରାୟ ୩୦୦ ପରିବାରକୁ ଉଚ୍ଛେଦ କରିବା ଜରୁରୀ ଥିଲା। ଏହି ଖବର ପାଇ ପହଞ୍ଚି ଯାଇଥିଲା କର୍ପୋରେଟ୍ ଦଲାଲ ହଂସିତା। ଗୋଟିଏ ପରିବାରକୁ କୋଟିଏ ଟଙ୍କା ଆଧାରରେ ହୋଇଥିଲା ଡିଲ୍। ଅର୍ଥାତ ୩୦୦ କୋଟି ଟଙ୍କାରେ ଛିଡ଼ିଥିଲା ଡିଲ୍। ଡିଲ୍ ହୋଇସାରିବା ପରେ ଝାଡ଼ଖଣ୍ଡରେ ଅଫିସ ଖୋଲି ଆରମ୍ଭ କରିଥିଲା ଅପରେସନ୍ କମ୍ପାନି। ଏଥିପାଇଁ ଅଗ୍ରୀମ ଆକାରରେ ୩୦ କୋଟି ଟଙ୍କା ଦେଇଥିଲା।

ଆୟକର ବିଭାଗ ଏହି ମାମଲାରେ ୧୨ ଜଣଙ୍କୁ ଜେରା କରିସାରିଛି ତଦନ୍ତ ବେଳେ ରାଜନୈତିକ ଲୋକଙ୍କ ମୁହଁ ଜଳଜଳ ହୋଇ ଦିଶୁଛି ଖୁବଶୀଘ୍ର ଅଫିସକୁ ଘୋଷାର୍ଡ଼ି ଝାଲବୁହା ଜେରା କରିବ ବୋଲି କହିଛି ଆୟକର ବିଭାଗ। ଆୟକର ବିଭାଗ ଜାଣିବାକୁ ପାଇଛି, ପଜେସନ ବାବଦକୁ ବୋକାର କମ୍ପାନି ଦେଇଥିବା ଅଗ୍ରୀମ ୩୦ କୋଟି ଟଙ୍କା ୪ ଜଣଙ୍କ ଆକାଉଣ୍ଟକୁ ଯାଇଛି ପୁରା ଷଡ଼ଯନ୍ତ୍ରର ମାଷ୍ଟର ମାଇଣ୍ଡ ହଂସିତା ଅଭିଲିପ୍ସା, ସରୋଜ ସାହୁ, ରାଜନେତା ମନୋଜ ଆଚାର୍ଯ୍ୟଙ୍କ ବାପା ସୀମାଞ୍ଚଳ ଆଚାର୍ଯ୍ୟ ଏବଂ ଅନୀଲ ମହାନ୍ତିଙ୍କ ଭିତରେ ବଣ୍ଟା ଯାଇଛି ଏହି ଲୁଟ୍ ଟଙ୍କା ହଂସିତାଙ୍କ ପୂର୍ବତନ ସ୍ୱାମୀ ସରୋଜ ସାହୁଙ୍କ ଫୋନ ଚାଟିଂକୁ ଏକଥା ଜାଣିପାରିଛି ଆୟକର ବିଭାଗ ।ବୋକାରୋ ଟଙ୍କାରେ ଘର ଓ ଗାଡ଼ି କିଣାଯାଇଛି ।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ୱା ସସ୍ ସହିତ ପରଷନ୍ତୁ ।



### ଖବର

## ସାମ୍ନାକୁ ଆସିଲା 'ନାଗବନ୍ଧମ'ର ପ୍ରଥମ ଝଲକ୍



୨୦୨୫ ଆରମ୍ଭରୁ ଆଉ ଏକ ପାନ୍ ଇଣ୍ଡିଆ ଚଳଚ୍ଚିତ୍ରର ପ୍ରଥମ ଝଲକ୍ ସାମ୍ନାକୁ ଆସିଛି । ଦକ୍ଷିଣ ଭାରତୀୟଅଭିନେତା ବିରାଟ କର୍ଣ୍ଣଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ନାଗବନ୍ଧମ'ରୁ ରୁଦ୍ର ଚରିତ୍ରର ପ୍ରଥମ ଲୁକ୍ ସୋମବାର ସାମ୍ନାକୁ ଆସିଛି । ଏହି ଲୁକ୍ ସାରା ଦେଶର ଦର୍ଶକଙ୍କୁ ବେଶ୍ ଉତ୍ସାହିତ କରିଛି । ଚଳଚ୍ଚିତ୍ର ନିର୍ମାତା ଅଭିଷେକ ନାମାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଘୋଷଣା ହେବା ଦିନଠାରୁ ଖୁବ୍ ଚର୍ଚ୍ଚାରେ ରହିଛି । ଆଉ ଏବେ ପୋଷ୍ଟର ଦେଖି ପ୍ରଶଂସକ କହିଛନ୍ତି, - ଆଉ ଏକ ବ୍ଲକବଷ୍ଟର ପ୍ରସ୍ତୁତ । ପ୍ରଥମ ପୋଷ୍ଟରରେ ବିରାଟ କର୍ଣ୍ଣଙ୍କୁ ଆକର୍ଷଣୀୟ ତଥା ଦମ୍‌ଦାର ଅବତାରରେ ଦେଖିବାକୁ ମିଳିଛି, ଯେଉଁଥିରେ କୁ□କୁଞ୍ଚିଆ କେଶ, ଦାଢି ଏବଂ ବଳିଷ୍ଠ ଶରୀର ନଜର ଆସିଛି । ସମୁଦ୍ରରେ ଏକ ଭୟଙ୍କର କୁମ୍ଭୀର ସହ ସେ ସାହସର ସହ ଲଢୁଛନ୍ତ । ନିଜ ହାତ ଓ ଏକ ଦଉଡ଼ିରେ କୁମ୍ଭୀରର ପାଟିକୁ ଫାଡ଼ି ଧରିଛନ୍ତି ବିରାଟ, ଯାହା ଲୋକଙ୍କୁ ବେଶ୍ ଆକର୍ଷିତ କରିଛି । 'ନାଗବନ୍ଧମ'ରେ ବିରାଟ କର୍ଣ୍ଣଙ୍କ ବ୍ୟତୀତ ନାଭା ନଟେଶ, ଈଶ୍ୱର୍ଯ୍ୟା ମେନନ, ଜଗପତି ବାବୁ, ଜୟପ୍ରକାଶ, ମୁରଲୀ ଶର୍ମା ଓ ବି.ଏସ. ଅବିନାଶ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଚଳିତ ବର୍ଷ ତେଲୁଗୁ, ହିନ୍ଦୀ, ତାମିଲ, କନ୍ନଡ଼ ଓ ମାଲାୟାଲମ ଭାଷାରେ ମୁକ୍ତିଲାଭ କରିବ ଏହି ଚଳଚ୍ଚିତ ।

## ଏହି ନାମର ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ

ପ୍ରାୟତଃ ଦେଖାଯାଏ ନିଜର ସ୍ୱଭାବ ଯୋଗୁଁ ପ୍ରକୃତ ପ୍ରେମକୁ ହରାଇବସିଥାଉ । ଯାହାକି ପୂରା ଜୀବନକୁ ପ୍ରଭାବିତକରିଥାଏ । ତେବେ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତି ତାଙ୍କର ପ୍ରକୃତ ପ୍ରେମକୁ ହାରାଇବସିଥାନ୍ତି । ଏହି ତିନି ଅକ୍ଷରରୁ ନାଁ ଆରମ୍ଭ ହେଉଁଥିବା ବ୍ୟକ୍ତିଙ୍କୁ ମିଳି ନଥାଏ ପ୍ରକୃତ ପ୍ରେମ । ଜାଣନ୍ତୁ ଏହି ଅକ୍ଷର ବିଷୟରେ ।

'ଏ'ଅକ୍ଷରରେ ଥିବା ବ୍ୟକ୍ତି : ଏ ଅକ୍ଷରରେ ନାମ ଆରମ୍ଭ ହେଉଥିବା ବ୍ୟକ୍ତି ବହୁତ ଚତୁର ହୋଇଥାନ୍ତି । ଏହି ବ୍ୟକ୍ତି ମାନଙ୍କୁ ଜୀବନରେ ଅନେକ ସଫଳତା ମିଳିଥାଏ । କିନ୍ତୁ ଲୋକମାନେ ଏହି ବ୍ୟକ୍ତିଙ୍କୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରିଥାନ୍ତି । କାମ ସରିଗଲା ପରେ ସହଜରେ ଧୋକା ଦେଇ ଦିଅନ୍ତି ।

'ପି' ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ସରଳ ହୋଇଥାନ୍ତି । ଯାହାର ଫାଇଦା ଲୋକ ମାନେ ଉଠାନ୍ତି ଏବଂ ପରେ ସେମାନଙ୍କୁ ଦୁଃଖ ଦିଅନ୍ତି । ଏହି ବ୍ୟକ୍ତି ମାନେ ନିଜ ପାର୍ଟନରଙ୍କ କଥାକୁ ଇଗନୋର କରିଥାନ୍ତି । ଯାହା ଦ୍ୱାରା ନିଜର ପ୍ରକୃତ ପ୍ରେମକୁ ହରାଇଥାନ୍ତି ।

'ଏସ'ଅକ୍ଷରରେ ଥିବା ବ୍ୟକ୍ତି: ଏହି ଅକ୍ଷରର ବ୍ୟକ୍ତି ମାନେ ନିଜର ଜୀବନସାଥୀ ପାଇଁ ଉତ୍ସୁକ ଥାନ୍ତି । ଯାହାର ଫାଇଦା ଲେକେ ବେଶ ଉଠାନ୍ତି । ଏହି ଅକ୍ଷରର ବ୍ୟକ୍ତି ମାନେ ଜୀବନରେ ଅନେକ ସଫଳତା ପାଇଥାନ୍ତି ହେଲେ ପ୍ରେମ ଜନିତ ପ୍ରସଙ୍ଗରେ ଏମାନେ ବେଶ ପଛରେ ଥାନ୍ତି । ଯାହା ଫଳରେ ଏମାନଙ୍କୁ ନିଜର ପ୍ରକୃତ ପ୍ରେମ ମିଳିନଥାଏ ।



## ଡ଼ାଇବେଟିସ୍ ଦୂର ପାଇଁ ଖାଆନ୍ତୁ ଏହି ଫଳ

ସାରା ଦୁନିଆରେ ୪୦କୋଟିରୁ ଅଧିକ ଲୋକ ଡ଼ାଇବେଟିସ ବା ମଧୁମେହ ରୋଗରେ ପୀଡ଼ିତ । ତେବେ ଗତ ୩୦ବର୍ଷ ମଧ୍ୟରେ ଡ଼ାଇବେଟିସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଡ଼ାଇବେଟିସ ରୋଗରେ ପୀଡ଼ିତ ରୋଗୀଙ୍କୁ ହାର୍ଟ ଆଟାକ ଓ ହାର୍ଟ ଷ୍ଟ୍ରୋକର ଅଧିକ ସମ୍ଭାବନା ରହିଥାଏ । ଏହି ରୋଗର ନିୟମିତ ଚିକିତ୍ସା ନକଲେ ମଣିଷର ଜୀବନ ବି ଯାଇପାରେ । ତେବେ ଆସନ୍ତୁ ଜାଣିବା କେଉଁ ଫଳ ଖାଇଲେ ଡ଼ାଇବେଟିସ ନିୟନ୍ତ୍ରଣ ହୋଇପାରିବ ।

ˎକମଳା :

କମଳାରେ ଭିଟାମିନ-ସି ରହିଥାଏ । ଯାହାକୁ ସବୁଠାରୁ ଶକ୍ତିଶାଳୀ ଆଣ୍ଟିଅକସାଇଡ଼ ଭାବେ କୁହାଯାଏ । କମଳାରେ ଫାଇବର ମଧ୍ୟ ରହିଥାଏ । ଯାହା ମଣିଷର ମେଟାବୋଲିଜମ ଷ୍ଟିମ ସକ୍ରିୟ କରି ଥାଏ । ଏଥିରେ ବ୍ଲଡ଼ ପ୍ରେସର ଓ ସୁଗାର ମଧ୍ୟ କଣ୍ଟ୍ରୋଲ ରହିଥାଏ ।



ˎନାଶପତି : ନାଶପତିକୁ ଚର୍ମ ସହିତ ସମ୍ପର୍କିତ ବିଭିନ୍ନ ରୋଗ ଦୂର କରିବାରେ ଏହା ରାମବାଣ ସଦୃଶ ଅଟେ । ଏଥିରେ ଲାଇକୋମିକ ବହୁତ କମ ମାତ୍ରାରେ ରହିଥାଏ । ଯାହା ସୁଗାର କଣ୍ଟ୍ରୋଲ ରଖିବାରେ ସାହାଯ୍ୟ କରିଥାଏ ।

ˎପିଜୁଳି : ପିଜୁଳିରେ ବହୁ ପରିମାଣର ପୋଟାସିୟମ ଓ କମ ସୋଡ଼ିୟମ ରହିଥିବା ଯୋଗୁଁ ଏହା ଡ଼ାଇବେଟିସ ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥାଏ । ପିଜୁଳିରେ ଫାଇବର,ଲାଇକୋମିକ ଓ ଭିଟାମିନ ସି ରହିଥାଏ ।

ˎସେଓ : ସେଓରେ ଏକ ଖାସ ଆଣ୍ଟିଅକ୍ସିଡ଼େଣ୍ଟ ରହିଥାଏ ଯାହାକୁ ଏନ୍ଥ୍ରୋସାୟାନିନ କୁହାଯାଇଥାଏ ।ଏହା ଶରୀରର ମୋଟାବିଲିକ ବେଲସରେ ମଧ୍ୟ ସୁଧାର ଆଣିଥାଏ ।

ˎଅଙ୍ଗୁର : ରକ୍ତରେ ସୁଗାର ନିୟନ୍ତ୍ରଣ ରଖିବାରେ ଅଙ୍ଗୁର ସବୁଠାରୁ ଲାଭ ଦାୟକ ହୋଇଥାଏ । ଏଥିରେ ଥିବା ଭିଟାମିନ ରକ୍ତରେ ଥିବା ଇନସୁଲିନକୁ ସନ୍ତୁଳିତ କରିଥାଏ ।



## ଆଙ୍ଗୁଠି କଳାପଣ ଦୂର କରିବାକୁ ଆପଣାନ୍ତୁ ଏହି ଟିପ୍ସ



ଆପଣଙ୍କ ଆଙ୍ଗୁଠି ସୁନ୍ଦର ଦେଖାଗଲେ ଆପଣଙ୍କ ହାତ ମଧ ସୁନ୍ଦର ଦେଖାଯାଏ । ଯଦି ଆପଣଙ୍କ ଆଙ୍ଗୁଠି କଳା ଦେଖାଯାଏ ତେବେ ଆପଣ ଯେତେ ମହଙ୍ଗା ଜୁଏଲାରୀ ପିନ୍ଧନ୍ତୁ ନା କାହିଁକି, ସବୁ ଫିକା ଦେଖାଯାଏ । ଆଙ୍ଗୁଠି କଳା ଦେଖାଯିବା ଏକ ସାଧାରଣ ସମସ୍ୟା । ଏପରି କେତେକ ଘରୋଇ ଉପାୟ ରହିଛି, ଯାହାକୁ ବ୍ୟବହାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

ବାଦାମ ତେଲ : ରାତିରେ ଶୋଇବା ପୂର୍ବରୁ କିଛି ବାଦାମ ତେଲକୁ ଗୋଲାପ ଜଳରେ ମିଶାଇ ହାତ ଏବଂ ଆଙ୍ଗୁଠିରେ ମସାଜ କରନ୍ତୁ । ପରେ ଏହାକୁ ଅଳ୍ପ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏପରି ସପ୍ତାହକୁ ଦୁଇଥର କରନ୍ତୁ ।

ଲେମ୍ବୁ ଏବଂ ମହୁ : ଲେମ୍ବୁ ରସରେ ଅଳ୍ପ ମହୁ ମିଶାଇ ଆଙ୍ଗୁଠିରେ ଲଗାନ୍ତୁ । ଫଳରେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇବେ ।

ବେକିଂ ସୋଡା : ଏକ ଚାମଚ ବେକିଂ ସୋଡାକୁ ଗରମ ପାଣିରେ ମିଶାଇ ଦିଅନ୍ତୁ । ଏବେ ଏହି ପାଣିରେ ୧୫ ମିନିଟ୍ ହାତକୁ ବୁଡାଇ ରଖନ୍ତୁ । ତା' ପରେ ହାତକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ । ସପ୍ତାହକୁ ୨ କିମ୍ୱା ୩ ଥର ଏପରି କରନ୍ତୁ ।

ବେସନ : ଅଧା ଚାମଚ ବେସନରେ ଏକ ଚାମଚ ପାଣି ମିଶାନ୍ତୁ । ଏହି ପେଷ୍ଟକୁ ଆଙ୍ଗୁଠିରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଶୁଖିବାକୁ ଦିଅନ୍ତୁ ଏବଂ ପରେ ରଗଡି କରି ସଫା କରିଦିଅନ୍ତୁ । ପରେ ହାତକୁ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏହି ଉପାୟକୁ ସପ୍ତାହକୁ ୨ରୁ ୩ ଥର କରନ୍ତୁ ।

ଟମୋଟର ଏବଂ ଲେମ୍ବୁ : ତ୍ୱଚାକୁ ଚମକ କରିବା ପାଇଁ ଟମାଟର ଏବଂ ଲେମ୍ବୁ ବଡ କାମରେ ରହିଥାଏ । ଏହା ବ୍ଲିଚିଂ ଏଜେଣ୍ଟ ଭାବେ କାମ କରିଥାଏ । ଯାହା ସ୍କିନକୁ ସଫା କରି ଗୋରା କରିଥାଏ । ଆପଣ ପ୍ରତିଦିନ ଏକ ଛୋଟ ଟମାଟ କିମ୍ୱା ଲେମ୍ବୁ ଖଣ୍ଡ ହାତରେ ଘସିପାରିବେ ।



## ବାସ୍ତୁ ଉପଯୋଗୀ ଗୃହ

ଘରର ବାତାବରଣ ସୁବବେଳେ କିପରି ସୁସ୍ଥ ରହିବ ତା' ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିଥାଏ । କିନ୍ତୁ ହାଠାତ ଯେତେବେଳେ ଘରେ କେଉଁଣସି କାରଣ ନଥାଇ କଳହ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ସେତେବେଳେ ଏହା ଚିନ୍ତାର ବିଷୟ ପାଲଟିଥାଏ ।



ଯେତେ ଧନ ଉପାର୍ଜନ କଲେବି କେଉଁଆଡ଼େ ଆସି କେଉଁଆଡ଼େ ଚାଲିଯାଏ, ତାହା ଜଣାପଡ଼େ ନାହିଁ । କିନ୍ତୁ ବାସ୍ତୁଶାସ୍ତ୍ରବିତଙ୍କ ମତରେ ଘରର ସକରାତ୍ମକ ଏବଂ ନକରାତ୍ମକ ଉଭୟ ମାହୋଲ ପାଇଁ ଘରର ଗୃହିଣୀ ମାନଙ୍କ ଅବଦାନ ବହୁତ ବେଶୀ । ଗୃହିଣୀ କରୁଥିବା ନିଜସ୍ୱ କର୍ମ ଉପରେ ମଧ୍ୟ ଘରର ମାହୋଲ ନିର୍ଭର କରିଥାଏ ।

ଗୃହିଣୀ ସୂର୍ଯ୍ୟୋଦୟ ପୂର୍ବରୁ ବିଛଣା ଛାଡ଼ିବା ଉଚିତ । ବିଛଣା ଛାଡ଼ିବା ପରେ ସ୍ନାନ କରିବା ସହିତ ଘର ସଫା କରିବା ଉଚିତ । କିନ୍ତୁ ସୂର୍ଯ୍ୟୋଦୟ ପରେ ଯଦି ଏସବୁ କାମକୁ କରାଯାଏ ଘର ମଧ୍ୟରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

ସ୍ନାନ କରିବା ପରେ ଘରର ଗୃହିଣୀ ରୋଷେଇ ଘରକୁ ପ୍ରବେଶ କରି ରୋଷେଇ ଆରମ୍ଭ କରିବା ଉଚିତ ।

ଆମେ ନିତିଦିନିଆ ଖାଦ୍ୟ ତିଆରି କରି ସାରିଲା ପରେ ସବୁଦିନ ସେହି ଖାଦ୍ୟକୁ ଭଗବାନଙ୍କ ପାଖରେ ଅର୍ପଣ କରିବା ଉଚିତ । ଏହାଦ୍ୱାରା ଘରେ ସବୁବେଳେ ସୁଖଶାନ୍ତି ବଜାୟ ରହିଥାଏ ।

ଉହିଳାମାନେ ସାଧାରଣତଃ ସୂର୍ଯ୍ୟାସ୍ତ ପରେ କେଶ କୁଣ୍ଡାଇବା କଥା ନୁହେଁ ।

# ରେଳବିକାଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ୩ଟି ରେଳପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଯାହାର ଗୁରୁତ୍ୱ ସେ ଅଞ୍ଚଳ ପାଇଁ ଯଥେଷ୍ଟ ଅଧିକ। ଏହା ସହିତ ଓଡ଼ିଶାରେ ରେଳବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ନିମନ୍ତେ ରେଳ ବଜେଟରେ ଓଡ଼ିଶା ପାଇଁ ୭୩ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ବରାଦ କରାଯାଇଛି। ଏହା ଏକ ସର୍ବକାଳୀନ ରେକର୍ଡ। ଓଡ଼ିଶା ପାଇଁ ବହୁ ନୂତନ ପ୍ରକଳ୍ପ ସହ ଅନେକ ପୁରୁଣା ପ୍ରକଳ୍ପ ନିମନ୍ତେ ବଜେଟରେ ପୂର୍ବାପେକ୍ଷା ଅଧିକ ବ୍ୟୟ ବରାଦ କରାଯାଇଛି। ଏହା ଓଡ଼ିଶାରେ ରେଳବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା। ସ୍ୱାଧୀନତାର ଷାଠିଏ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାରେ ରେଳ ବିକାଶ କେବଳ ନାମକୁ ମାତ୍ର ଥିଲା। ପ୍ରତି ବର୍ଷ ରେଳ ବଜେଟରେ ଓଡ଼ିଶା ପ୍ରତି ଅନୁଦାନ ଅତି ନଗଣ୍ୟ ରହିଥିଲା। କିନ୍ତୁ ଓଡ଼ିଶା ରେଳବାଇକୁ ସର୍ବାଧିକ ରାଜସ୍ୱ ପ୍ରଦାନ କରିଥାଏ। କାରଣ ଓଡ଼ିଶା ଏକ ଖଣି ସମୃଦ୍ଧ ରାଜ୍ୟ ଏବଂ ଓଡ଼ିଶାରୁ ପ୍ରତି ବର୍ଷ ବିପୁଳ ପରିମାଣର ଖଣିଜ ସାମଗ୍ରୀ ରେଳ ଦ୍ୱାରା ପରିବହନ ହୋଇଥାଏ ଯାହା ରେଳବାଇର ରାଜସ୍ୱ ସଂଗ୍ରହରେ ବଡ଼ ଭୂମିକା ନେଇଥାଏ। କିନ୍ତୁ କେବଳ ଦୁର୍ବଳ ନେତୃତ୍ୱ ଯୋଗୁ ଓଡ଼ିଶାରେ ରେଳ ବିକାଶ ଅନ୍ୟ ରାଜ୍ୟ ତୁଳନାରେ ହୋଇ ପାରିନାହିଁ। ବିଶେଷ କରି କେନ୍ଦ୍ରରେ କଂଗ୍ରେସ ଶାସନ କାଳରେ ଓଡ଼ିଶାକୁ କେବେ ବି ନ୍ୟାୟ ମିଳିନି। କେନ୍ଦ୍ରରେ ଯେତେବେଳେ ଅଣ କଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି, ସେତେବେଳେ ଓଡ଼ିଶାରେ ରେଳ ବିକାଶ ହୋଇଛି। ମୋରାରଜୀ ଦେଶାଇ, ଭି ପି ସିଂହ, ଚନ୍ଦ୍ରଶେଖର, ଦେବଗୌଡ଼ା ସରକାର ସ୍ୱଳ୍ପ ସମୟ ପାଇଁ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ସେହି ସମୟରେ ଓଡ଼ିଶାକୁ ରେଳ ବଜେଟରେ ଅଧିକ ଅନୁଦାନ ମିଳିଛି। ବାଜପେୟୀଙ୍କ ସମୟରେ ମଧ୍ୟ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିାରେ ରେଳବିକାଶ ବାସ୍ତବରେ ତ୍ୱରାନ୍ୱିତ ହୋଇଛି। ପ୍ରତି ବର୍ଷ ଓଡ଼ିଶାକୁ ରେଳ ବଜେଟରେ ଅଧିକ ଅର୍ଥ ମିଳୁଛି। ଯଦି ଏହାର ସଦୁପଯୋଗ ଆଉ ଟିକେ ଭଲଭାବେ ହୋଇପାରନ୍ତା ତେବେ ରାଜ୍ୟର ଚିତ୍ର ବଦଳି ଯାଆନ୍ତା। ସ୍ୱାଧୀନତା ପୂର୍ବରୁ ତତ୍କାଳୀନ ବ୍ରିଟିଶ ସରକାର ଓଡ଼ିଶାରେ ରେଳବାଇର ଭିତ୍ତି ପକାଇଥିଲେ। ସେତେବେଳେ କିଛି ରାଜା ମହାରାଜା ମଧ୍ୟ ନିଜ ଉଦ୍ୟମରେ ଓଡ଼ିଶାରେ ରେଳବାଇର ଉନ୍ନତି ନିମନ୍ତେ କିଛି ଉଦ୍ୟମ କରିଥିଲେ। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଏହାକୁ ତ୍ୱରାନ୍ୱିତ କରିଥିଲେ। ଓଡ଼ିଶାରେ ମଧ୍ୟ ରେଳବିକାଶ ତ୍ୱରାନ୍ୱିତ ହୋଇଥିଲା। କିନ୍ତୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଆନ୍ଧ୍ର, ତାମିଲନାଡୁ ଓ ୟୁପି ଭଳି ଓଡ଼ିଶାରେ ରେଳବ ବିକାଶ ହୋଇପାରିନଥିଲା। ଯାହା କିଛି ହୋଇଥିଲା ତାହା ଏଥିପାଇଁ ହୋଇଥିଲା ଯେ, କୋଲକାତା ଓ ଚେନ୍ନାଇ ମଧ୍ୟରେ ରେଳ ସଂଯୋଗ ଓଡ଼ିଶା ମଧ୍ୟ ଦେଇ ଯାଇଛି। ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ଥିବାରୁ ଏହାର ପରିବହନ ନିମନ୍ତେ କିଛି ରେଳ ଲାଇନ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ସ୍ୱାଧୀନତାର ୫୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ ରେଳ ଲାଇନ ନଥିଲା। ସେତେବେଳେ ଓଡ଼ିଶା ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ଯାଉଥିଲା। ଏହାର ମୁଖ୍ୟାଳୟ କୋଲକାତାରେ ଅବସ୍ଥିତ। ତେଣୁ ଦକ୍ଷିଣ ପୂର୍ବ ରେଳବାଇର ସର୍ବାଧିକ ବିକାଶ ସେହି ସମୟରେ ପଶ୍ଚିମବଙ୍ଗରେ ହୋଇଛି। ଓଡ଼ିଶାକୁ ସେତେବେଳେ କେହି ଗୁରୁତ୍ୱ ଦେଉନଥିଲେ। ସ୍ୱାଧୀନତାର ପରବର୍ତ୍ତୀ ୫୦ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରରେ ମୁଖ୍ୟତଃ କଂଗ୍ରେସ କ୍ଷମତାରେ ଥିଲା। ସେତେବେଳେ କଂଗ୍ରେସ ହାଇକମାଣ୍ଡ ରାଜନୈତିକ ଦୃଷ୍ଟିରୁ ଓଡ଼ିଶାକୁ ଗୁରୁତ୍ୱ ଦେଉନଥିଲେ।

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର

॥ ପଙ୍କଜ କୁମାର ପାଣିଗ୍ରାହୀ ॥

“ ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ୍ୟ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ୍ୟ ଏହି ଗୋଷ୍ଠୀ ସମୂହର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା ।

ସାଧାରଣ ଲୋକଙ୍କ ଅଜ୍ଞାନତାର ସୁଯୋଗ ନେଇ ଚତୁର କେଳେଙ୍କାରୀ ସମାଜରେ ଏମିତି ପ୍ରାଦୁର୍ଭାବ ବିସ୍ତାର କରି ରଖିଛନ୍ତି ଯାହା ସବୁ ନିର୍ମୂଳ କରିବାକୁ ହେଲେ ଅସଂଖ୍ୟ ଜ୍ଞାନୀଙ୍କୁ ଅଜସ୍ର ସମୟ ଲାଗିବ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ ଯାହା ଚେଷ୍ଟା କରାଯିବା ତ ଦୂର, ସେକଥା କାହାର ଚେତନାରେ ହିଁ ପଶୁନାହିଁ ଅଦ୍ୟାବଧି ! କେତେବେଳେ କିଏ କୌଣସି ଅସୁବିଧାର ସମ୍ମୁଖୀନ ହେଲେ କେବଳ ଭଗବାନ ଭରସା ବୋଲି ବିଚାର କରି ଯେଉଁ ପଥ ଅନୁସରଣ କରିଥାନ୍ତି ତାହା ସମ୍ପୃକ୍ତ ମଣିଷର ବ୍ୟକ୍ତିଗତ ଭାବଧାରା ମଧ୍ୟରେ ସମାପ୍ତ ହୋଇଥାଏ ଯାହା ଆଉ କାହାକୁ ଅନୁଭବ ମଧ୍ୟ ହୁଏନାହିଁ । ନିଜେ ନିଜେ ନିଜର ସମସ୍ୟାକୁ ନେଇ ଦୁଃଖରେ କାଳାତିପାତ କରୁଛନ୍ତି ସମଗ୍ର ମଣିଷ ସମାଜ ବିଶ୍ୱବ୍ୟାପୀ । କାରଣ ଏହି ଗୋଷ୍ଠୀ ଗୁଡିକ ଦ୍ୱାରା ମଣିଷ ମାନଙ୍କୁ ଏମିତି ପଥରୁଦ୍ଧ କରି ରଖାଯାଇଅଛି ଯେ କିଏ କାହା ସହିତ ଉପଯୁକ୍ତ ଭାବର ଆଦାନ ପ୍ରଦାନ କରିବାରେ ମଧ୍ୟ ସମର୍ଥ ହୁଅନ୍ତି ନାହିଁ । ପରସ୍ପର ହିଂସାତ୍ମକ ଭାବ ସୃଷ୍ଟି କରି ସମାଜରେ ଶତ୍ରୁତା ଭାବ ବଜାୟ ରଖିବା ପାଇଁ ଏହି ସବୁ ଗୋଷ୍ଠୀ ମାନଙ୍କ ଏକ ସ୍ୱତନ୍ତ୍ର ଦଳ କାର୍ଯ୍ୟ କରିଥାନ୍ତି ଯିଏ ସବୁବେଳେ ଆଭ୍ୟନ୍ତରୀଣ ବିଶଦ୍‌ଭାବ ସୃଷ୍ଟି କରିବା ଦିଗରେ ଯଥେଷ୍ଟ କାର୍ଯ୍ୟରତ ରହିଥାନ୍ତି । ସେହି କାରଣରୁ ସମାଜରେ ସାଧାରଣ ଲୋକଙ୍କ ମଧ୍ୟରେ ଭାତୃଭାବ ନହୋଇ କେବଳ ଶତ୍ରୁତା ଆଚରଣ ସେମାନଙ୍କୁ ଅତ୍ୟନ୍ତ ପଥ ପରିଷ୍କାର କରି ରଖିଛି ତାଙ୍କର ଶାସନ ଚଳାଇବା ପାଇଁ ନିଜ ନିଜ କ୍ଷେତ୍ର ପରିସରକୁ ନେଇ ।

ଅଧିକନ୍ତୁ କେତେବେଳେ କେବଳ ସାମୁହିକ ଆଲୋଚନା କରାଗଲେ କିଛି ବୁଝି ପାରୁଥିବା ଲୋକଙ୍କ ମନ ଭାବକୁ ବୁଝି ହୁଏକି ସମସ୍ତେ ଚାହିଁ ରହିଛନ୍ତି କାଳେ କେତେବେଳେ ସେହି ପରିରାଇଜର କାହାଣୀ ଭଳି ହେଉ, କି ବିଭିନ୍ନ ଶାସ୍ତ୍ରୀୟ ମର୍ଯାଦାରେ ପରିପୂର୍ଣ୍ଣ କାହାଣୀ ପୁସ୍ତକରେ ରଚିତ ଭଗବାନଙ୍କ ଦୂତ କେହି ଆସି ହୁଏତ ସମାଜକୁ ବିପଥରୁ ଉଦ୍ଧାର କରିବ । କିନ୍ତୁ ଏହି ବିଚାର କେବଳ ଅଲୌକିକ ଚେତନା ମଧ୍ୟରେ ରହିବା ଛଡା ତାହାର କୌଣସି ସତ୍ୟ ପ୍ରମାଣ ସାପେକ୍ଷ ଘଟଣା ଘଟିବା ସମ୍ଭାବନା ଅସମ୍ଭବ ମାତ୍ର । କାରଣ କେହି କୌଣସି ସ୍ଥାନରୁ ରହି ଆମକୁ ନିୟନ୍ତ୍ରଣ କରିନଥାନ୍ତି ଯାହା ସବୁ ଆମେ ମନରେ ବିଶ୍ୱାସ ଭରି ଚାଲିଛେ । କେବଳ ଆମରି ମଧ୍ୟରୁ ଯଦି କେହି ସହୃଦୟ ବ୍ୟକ୍ତିଗଣ ବାହାରି ଆମକୁ ରକ୍ଷା କରିବା ଦିଗରେ କାର୍ଯ୍ୟ କରିବେ ତାହେଲେ ଯାଇ କିଛି ପରିବର୍ତ୍ତନ ହେବାଛଡା ଏହି ଅମାନୁଷିକ ବ୍ୟକ୍ତିଗଣଙ୍କ ମିଥ୍ୟା ଅଲୌକିକ ପ୍ରବଚନରେ ଭାସୁଥିବା ପର୍ଯ୍ୟନ୍ତ ଆମେ ଧିରେ ଧିରେ ନିମ୍ନ ମୁଖି ହୋଇ ପାତାଳରେ ପଶିବା ବ୍ୟତୀତ କୌଣସି ସ୍ୱର୍ଗ ଅନୁଭବ କରିବା ଭ୍ରାନ୍ତ ଚିନ୍ତନ । ତେଣୁ ନିଜକୁ ନିଜେ ସୁଧାରି ସତ୍ୟର ପଥଗ୍ରହୀ ହୋଇ ସମାଜରେ ସମସ୍ତ କେଳେଙ୍କାରୀ ମିଥ୍ୟା ପ୍ରବଚନକୁ ପ୍ରତ୍ୟାଖ୍ୟାନ ପୂର୍ବକ ନିଜର ଅନ୍ତର୍ଜ୍ଞାନ ବିସ୍ତାର କରିବାକୁ ଚେଷ୍ଟା କଲେହିଁ ସବୁକିଛି ବୁଝି ହେବ ଯାହା ଆମେ ଜାଣି ପାରୁନାହୁଁ । ଅଥବା ଏମିତି ପ୍ରତାରିତ ନିଷ୍ପେସିତ ହୋଇ ବଂଚିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ମର୍ମକୁ ନବୁଝି ଜନ୍ମ ମରଣର ବ୍ୟବଧାନ ମଧ୍ୟରେ ପଥ ଅତିକ୍ରମ କରୁଥିବା ପିଢ଼ିକୁ ପିଢ଼ି । କାରଣ ଏହି ସମସ୍ତ ଗୋଷ୍ଠୀ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରି ଜୀବନର ସବୁ ସମୟରେ ବିଭିନ୍ନ ସୂତ୍ରରେ ସାଧାରଣ ଲୋକଙ୍କ ରୋଜଗାରର ଅନ୍ୟୁନ ତିନି ଚତୁର୍ଥାଂଶ ଆତ୍ମସାତ କରିଥାନ୍ତି ଯଦ୍ୱାରା ସାଧାରଣ ଲୋକେ ଗରିବ ହୋଇ ରହିବା ଛଡା ଦୈନନ୍ଦିନ ଜୀବନରେ ଭଲ ଭାବେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବାକୁ ମଧ୍ୟ ପାଉନାହାନ୍ତି ଅଥବା ବ୍ୟକ୍ତିଗତ ସ୍ତରରେ ମାନସିକ ସମାଧାନ କରି ନିଜକୁ ନିଜେ ଆଶ୍ୱାସନା ଦେଇ ବଂଚୁଥିବା କେହି ଅସ୍ୱୀକାର କରି ପାରିବେ ନାହିଁ ।

ପ୍ରକୃତି ଆରମ୍ଭରୁ ଏହିସବୁ ଗୋଷ୍ଠୀ ମାନଙ୍କର କୌଣସି ସାମାଜିକ ଭୂମିକା ନଥାଇ ମଧ୍ୟ ପିଢ଼ିକୁ ପିଢ଼ି ମଣିଷ ସୃଷ୍ଟି ହୋଇ ଆଜି ଆମେ ଏହି ସମୟରେ ପହଂଚିଛେ । ଏସବୁର ଅନୁପସ୍ଥିତିରେ ଆମେ ସତେ ଯେମିତି ଅମଣିଷ ହୋଇଯିବା ବୋଲି ଯେଉଁ ଭାବନା ସୃଷ୍ଟି ହେଉଛି ମନରେ ସେହି ଭାବନା ସୃଷ୍ଟି କରୁଥିବା ମଧ୍ୟ ଏହି ଗୋଷ୍ଠୀ ସମୂହର ଏକ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ । ପାରିବାରିକ ବିଚ୍ଛେଦ ତଥା ଏକକ ପରିବାରକୁ ଖଣ୍ଡବିଖଣ୍ଡିତ କରି ସ୍ୱାର୍ଥବାଦୀ ମଣିଷ ସୃଷ୍ଟି କରିବାରେ ମଧ୍ୟ ଯଥେଷ୍ଟ ସହାୟକ ହୋଇଥାଏ ଏହି ଗୋଷ୍ଠିଗତ ଆନୁଗତ୍ୟ ବିଚାରଧାରା । ଏମିତିକି ଜନ୍ମ ଦେଇଥିବା ପିତା ମାତାଙ୍କୁ ଅଗ୍ରାହ୍ୟ କରି ସନ୍ତାନ ମାନେ ଅଲଗା ହୋଇ ରହିବା ଭାବନାର ମଧ୍ୟ ମୂଳ ସୂତ୍ରଧର ଭାବେ କାର୍ଯ୍ୟ କରିଥାଏ ଏହିସବୁ ଗୋଷ୍ଠିଗତ ଅନୁଗତ୍ୟତା ଯାହା ଏତେ ସହଜରେ ବୁଝି ହେବ ନାହିଁ । ଏସମସ୍ତଙ୍କୁ ବାଜ୍ୟାପ୍ତ କରି କିଏ ହେଲେ କୌଣସି ଗୋଷ୍ଠିଗତ ଆନୁଗତ୍ୟକୁ ଅସ୍ୱୀକାର କରି ବଂଚିବା ଶିକ୍ଷା କଲେ ଯେ ଆମର ଜୀବନ ଯାପନ ଶୈଳୀରେ ଏତେ ମାତ୍ରାରେ ଶୁଦ୍ଧି ଆସିବ ଏବଂ ସାଧାରଣ ମଣିଷ ସମୂହ ଏକ ନିରୋଳା ଜୀବନ ଯାପନ କରିବାରେ ସମର୍ଥ ହୋଇପାରିବେ ସେଇଥିରେ କୌଣସି ସନ୍ଦେହ ନାହିଁ । ଏହି ଗୋଷ୍ଠିଗତ ଆନୁଗତ୍ୟ ହେତୁ ମଣିଷ ଯେ କେବଳ ଆର୍ଥିକ ଭାରାକ୍ରାନ୍ତ, ପ୍ରତାରିତ ହୋଇ ବଞ୍ଚିଛି ତା ନୁହେଁ । ଏମାନଙ୍କ ପ୍ରକୋପ କାରଣରୁ ସାଧାରଣ ମଣିଷଙ୍କ ମାନସିକ ଅସ୍ଥିରତା, ସାମାଜିକ ଦୁର୍ବଳତା, ହିଂସାଭାବ ଇତ୍ୟାଦି ଅମାନୁଷିକ ଆଚରଣ ଗୁଡିଏ ବୃଦ୍ଧି ହେବା ସହିତ ବିଭିନ୍ନ ରୋଗ ଗ୍ରସ୍ତ ହେବା ତଥା ଆୟୁଷ କ୍ଷୀଣ ହେବା ଭଳି ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ ଯାହା ସାଧାରଣ ନିର୍ବୋଧ ଆଦୌ ବୁଝି ପାରନ୍ତି ନାହିଁ କି ଭାବି ମଧ୍ୟ ପାରିବେ ନାହିଁ । ଏହିସବୁ ଅନାବଶ୍ୟକ ମନୁଷ୍ୟକୃତ ଅପ୍ରାକୃତିକ ଜୀବନ ଶୈଳୀକୁ ଆଦରି ନେଇ ମଣିଷ କେବଳ ଭାବୁଛି ଯେ ଆମେ ସୁଖରେ ରହୁଛୁ । କିନ୍ତୁ ଥରେ ଏମାନଙ୍କ ଗୋଷ୍ଠିଗତ ଅନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଦେଖନ୍ତୁ ଜୀବନ କେତେ ସରଳ ସୁଗମ ଅନୁଭବ ହେବ ଯାହା ଉପସ୍ଥିତ ସମୟରେ ଭାବିବା ମଧ୍ୟ ସମ୍ଭବ ହେଉନାହିଁ । କିନ୍ତୁ ନିରାଟ ସତ୍ୟ ! ପ୍ରକୃତିର କୋଳରେ ଜନ୍ମିତ ପ୍ରାକୃତିକ ମନୁଷ୍ୟ ଯେ ଦିନେ ସବୁ ଛାଡି ମାଟିରେ ମିଶିଯିବ ଏହି ଭାବନାରୁ ଦୁରେଇ ରଖି ଏହିସବୁ ଗୋଷ୍ଠୀର ଅଜ୍ଞାନ ଚତୁର ସର୍ବସାଧାରଣଙ୍କୁ ଦିନରେ ଯେଉଁ ଜହ୍ନ ଦେଖାଉଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ଯଦି ଆମେ ପ୍ରକୃତ ମନୁଷ୍ୟ ଜୀବନର ସ୍ୱାଦକୁ ଅନୁଭବ କରିବାକୁ ଇଚ୍ଛୁକ । ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ପ୍ରତ୍ୟାଖ୍ୟାନ କରି ଏକ ସାମାଜିକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରି ନିଜକୁ ନିଜେ ରକ୍ଷା କରିବା ବ୍ୟତୀତ କୌଣସି ଭଗବାନ ଆମକୁ ରକ୍ଷା କରି ପୃଥିବୀ ପୃଷ୍ଠରେ ସୁଖ ଶାନ୍ତି ଫେରାଇ ଆଣିବେ ବୋଲି ଭାବନା କେବଳ ଭାବନା ମଧ୍ୟରେ ରହିବା ଛଡା ଆଦୌ ଫଳପ୍ରଦ ହେବନାହିଁ ଜନ୍ମ ଜନ୍ମ ଧରି ଗ୍ରହଣ କରିଚାଲିଥିଲେ ମଧ୍ୟ । ତେଣୁ ହେ ମନୁଷ୍ୟ ସମାଜ ସମସ୍ତେ ଏକ ହୋଇ ଏହି ଗୋଷ୍ଠିଗତ ଆନୁଗତ୍ୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ପୂର୍ବକ କେବଳ ସାଧାରଣ ମଣିଷ ସମାଜ ଗଠନ କରିବା ଦିଗରେ ଏକତ୍ରିତ ହୋଇ କାର୍ଯ୍ୟ କରନ୍ତୁ ଯାହା ଆମକୁ ହୁଏତ ଟିକେ କଷ୍ଟରେ ହେଲେ ମଧ୍ୟ କିଛି ଦିନ ମଧ୍ୟରେ ସୁଖ ଶାନ୍ତି ଫେରାଇ ଆଣିବାରେ ସାହାଯ୍ୟ କରିପାରେ ଯାହା ପୃଥିବୀରେ ମନୁଷ୍ୟ ସୃଷ୍ଟି ହେବା ସମୟରେ ଥିଲା । ନତୁବା କେହି ଆମକୁ ରକ୍ଷା କରିପାରିବେ ନାହିଁ ଯାହା ଆସନ୍ତା ସମୟରେ ପ୍ରକୃତିର ସମୟ ପୂର୍ବରୁ ସମଗ୍ର ମଣିଷ ସମାଜ ବିଲୁପ୍ତ ହେବ ।

ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ଆଧ୍ୟାତ୍ମବାଦ ଓ ମାନବଧର୍ମ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - ‘ଦୁଃଖୀ ଯେ ପରିତ୍ରାଣ କରେ, ସଙ୍କଟୁ ପ୍ରାଣୀଙ୍କୁ ଉଦ୍ଧାରେ। ଯେ ରହେ ପର ଉପକାରେ, ଧନ୍ୟ ଜୀବନ ତା ସଂସାରେ। ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ। ସେ ଯାହା ପ୍ରମାଣ କରିବେ, ଲୋକେ ସେ ପଥେ ପ୍ରବର୍ତ୍ତିବେ। ସେମଦରଶୀ ଯାର ଚିତ୍ତ, ତାହାର ନାହିଁ ଶତ୍ରୁ ମିତ୍ର। ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ।।’ ଜୀବନରେ ମହତ୍ ବ୍ୟକ୍ତିର ଆଚରଣ ଓ ମାନବୀୟତାକୁ ନେଇ ଏହି ଅମୂଲ୍ୟ ପଂକ୍ତି ଆଜିର ମାନବ ସମାଜ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ। ଯେଉଁ ମଣିଷ ଆଧ୍ୟାତ୍ମବାଦ ଗ୍ରହଣ କରେ ତା ହୃଦୟରେ ପରମଶକ୍ତି ବିରାଜନ୍ତି। ଏ ଭଳି ମଣିଷ ବର୍ଣ୍ଣ-ଭେଦ, ରୂପ-ରଙ୍ଗ ଦେଖେନାହିଁ। ତାହାକୁ କେବଳ ଆତ୍ମା ମାତ୍ର ଦୃଶ୍ୟ ହୁଏ ଏବଂ ସେ ବିବିଧ ଧର୍ମର ଉର୍ଦ୍ଧ୍ୱକୁ ଯାଇ, କେବଳ ମାନବଧର୍ମ ଗ୍ରହଣ କରେ। ସକଳ ପ୍ରାଣୀଙ୍କୁ ଶ୍ରଦ୍ଧା କରିବା ମାନବଧର୍ମ। ମାନବଧର୍ମୀ, ପିମ୍ପୁଡ଼ି, ଚାଣ୍ଡାଳ, ହାତୀ ଓ ମନୁଷ୍ୟ ଭିତରେ ଅସାମଞ୍ଜସ୍ୟ ଦେଖେ ନାହିଁ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ। ଆଜିର ବିପର୍ଯ୍ୟସ୍ତ ସମାଜକୁ କେବଳ ଆଧ୍ୟାତ୍ମବାଦ ଦ୍ୱାରା ସଜଡ଼ାଯାଇପାରେ। ମହୁମାଛି, ବିଭିନ୍ନ ପ୍ରକାରର ଫୁଲ ଉପରେ ବସି ରସ ଓ ପରାଗ ଗ୍ରହଣ କରେ ଏବଂ ମହୁ ତିଆରି କରେ। ଠିକ୍ ସେହି ପରି ବିନା ଭେଦ ଭାବରେ ବିଭିନ୍ନ ଫୁଲ ରୂପୀ ସମସ୍ତ ଧର୍ମର ସାର ଗ୍ରହଣ କରିବା ହେଉଛି, ଆଧ୍ୟାତ୍ମବାଦ। ଏହାର ପ୍ରସାର କରିବା ମାନବର ଧର୍ମ। ଏହା ସନ୍ଥମାନେ କହିଛନ୍ତି ସବୁ ଶାସ୍ତ୍ରରେ ଲେଖାଯାଇଛି। ଏହା ଅନାଦିକାଳରୁ ମାନବ ସହ ଅଛି। ଏହା ହିଁ ମାନବର ସହଜାତ ସ୍ୱରୂପ ଓ ସ୍ୱଭାବ। ଏହାକୁ ବୁଝିବା, ଧାରଣ କରିବା ହେଉଛି ଆତ୍ମଜ୍ଞାନ। ଆଉ ଜୀବନରେ ପ୍ରକଟ କରିବା ମାନବଧର୍ମ।

ଭାରତ ହେଉଛି ଦେବଭୂମି, ଭଗବାନ ଶ୍ରୀରାମ, ଶ୍ରୀକ୍ରୀଷ୍ଟ, ବୁଦ୍ଧ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ପରମହଂସ ଓ କଳିଯୁଗର ଶେଷ ଅବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମଭୂମି। ଏହି ମହାପୁରୁଷ ମାନଙ୍କର ଶିକ୍ଷା-ଦୀକ୍ଷା ଓ ବିବାହ-ସଂସ୍କାର-ବ୍ୟକ୍ତି-ଦମ୍ପତି-ପରିବାର-ସମାଜ ଓ ରାଷ୍ଟ୍ର ନିୟନ୍ତ୍ରଣରେ ଏହି ସନାତନ ସଭ୍ୟତା ବିଶ୍ୱ ବନ୍ଦିତ। ଏହି ମାନବୀୟ ଗୁଣର ପରିପ୍ରକାଶ ନିମିତ୍ତ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଶିଷ୍ୟ ସନ୍ତାନ ସତ୍‌ସଙ୍ଗୀ ମାନଙ୍କୁ ଆହ୍ୱାନ ଦେଇ କହିଲେ - ମୁଁ ଅମାନୀ, ମୁଁ ଅକ୍ରୋଧି, ମୁଁ ନିରଳସ, କାମ-ଲୋଭ-ଜିତବଶୀ, ମୁଁ ଇଷ୍ଟପ୍ରାଣ, ସେବା-ପଟୁ, ଅସ୍ତି-ବୃଦ୍ଧି, ଯାଜନ-ଜୈତ୍ର, ପରମ-ଆନନ୍ଦ ଉଦ୍ଦୀପ୍ତ ଶକ୍ତି ସମୃଦ୍ଧ, ତୁମରି ସନ୍ତାନ, ପ୍ରେମ-ପୁଷ୍ଟ, ଚିର ଚେତନ, ଅଜର, ଅମର, ମୋତେ ଗ୍ରହଣ କର, ମୋର ପ୍ରଣାମ ନିଅ, ଇତ୍ୟାଦି ସ୍ୱତଃ ଅନୁଜ୍ଞା ମାଧ୍ୟମରେ ଚାରିତ୍ରିକ ଉନ୍ନତିର ପଥ ଦେଖାଇଛନ୍ତି। ‘ମାନବୀୟ ଗୁଣ ଓ ଚାରିତ୍ରିକ ଦ୍ୟୁତିର ପ୍ରରିପ୍ରକାଶ ନିମିତ୍ତ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ପ୍ରକାଶ କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି ଫାଙ୍କିଦେଲେ ତାହା ହିଁ ପାଇବ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ମାନବର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ହେଉଛି ଧର୍ମ।’ ମାନବିକ ଇଚ୍ଛାଶକ୍ତିର ତ୍ରୁଟିହୀନ ଅନୁଶୀଳନ ମାଧ୍ୟମରେ ସଦାଚାରର ସାଧନ ସମ୍ଭବ। ସଦାଚାର, ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅପରିହାର୍ଯ୍ୟ ଅଙ୍ଗ। ସତ୍‌କର୍ମରେ ମାନବର ଇଚ୍ଛା ବା ଅଭିରୁଚି ଅନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଏହା ବୁଝାଇଥାଏ। ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧ୍ୟାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ। ‘ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ’। ମଣିଷର କାମନାଗୁଡ଼ିକ ତାର ମନରୂପକ ହ୍ରଦର ନିଶ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ। କାମନାରହିତ ମନ ତା’ର ଶାନ୍ତି ଅବସ୍ଥା ଫେରି ପାଇଥାଏ। ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ବା ପ୍ରଶାନ୍ତି ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ। ଏହି ପରମ ଶାନ୍ତି ହିଁ ଆନନ୍ଦ। ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ, ଜାଗତିକ ଆସକ୍ତି, ଅଧିକରୁ ଅଧିକ ପରିହାର କରି ଭଗବାନଙ୍କ ପ୍ରତି ଆସକ୍ତି ଅଧିକରୁ ଅଧିକ ବଢ଼ାଇବାକୁ ହେବ ଏବଂ ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ। ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ। ଯେତେବେଳେ ସଦା ଭଗବତ୍ ପ୍ରେମାସକ୍ତ ବ୍ୟକ୍ତିର ହୃଦୟ ସମଗ୍ର ମାନବ ଜାତିର ଭ୍ରାତୃତ୍ୱ ଓ ସମସ୍ତ ଜୀବମାନଙ୍କର ଜ୍ଞାତିତ୍ୱ ବିଷୟକ ସତ୍ୟକୁ ଉପଲବ୍ଧି କରେ, ସେତେବେଳେ ଏହା ‘ପ୍ରେମ’ ପଦବାଚ୍ୟ ହୁଏ। ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି। ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା। ଆଧ୍ୟାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ। ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ। ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ। ଏତାଦୃଶ ବ୍ୟକ୍ତି ନିଜର ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ବିଭିନ୍ନତା ଅନୁଭବ କରେନାହିଁ।

ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ, ଦୂରଭାଷ : ୯୪୩୭୦୫୧୯୫୭

# ହରିଜନ୍ମ

॥ ପ୍ରଦୀପ କୁମାର ବିଶ୍ୱାଳ ॥

ଏଣୁ ଶ୍ରୀମନ୍ଦିରରେ ଭାଦ୍ରକୃଷ୍ଣ ଅଷ୍ଟମୀ ଦିନ ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ ଓ ଜଗନ୍ନାଥ ଧର୍ମ ଓ ଜଗନ୍ନାଥସଂସ୍କୃତି ପ୍ରେମୀ ପୃଥିବୀର ଯେଉଁ କୋଣଅନୁକୋଣରେ ଥିଲେ ମଧ୍ୟ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରନ୍ତି । ଅଷ୍ଟମୀର ପରଦିନ ନବମୀ ତିଥିରେ ନନ୍ଦରାଜାଙ୍କ ଘରେ ଯଶୋଦାଙ୍କ ପୁତ୍ର ରୁପେ ଆର୍ବିଭୁତ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ନନ୍ଦରାଜାଙ୍କ ଦ୍ୱାରା ଗୋପପୁରରେ ଏହି ଦିନ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନନ୍ଦଉତ୍ସବ କୁହାଯାଏ। ଏହି ଜନ୍ମାଷ୍ଟମୀକୁ କୃଷ୍ଣାଷ୍ଟମୀ ଓ ଗୋକୁଳାଷ୍ଟମୀ ମଧ୍ୟ କୁହାଯାଏ । ଏହିଦିନ ଉପାସକମାନେ ନିର୍ଜଳା ଉପବାସ ରହି ଦିନସାରା କୃଷ୍ଣଲୀଳା ଶ୍ରବଣ, କୀର୍ତନ ଓ ଭଜନରେ ମଗ୍ନ ରୁହନ୍ତି । ଅର୍ଦ୍ଧରାତ୍ରରେ କୃଷ୍ଣ ଜନ୍ମ ସମୟରେ କୃଷ୍ଣଙ୍କ ଫଟୋଚିତ୍ର ବା ମୁର୍ତିକୁ ପଂଚୋପଚାରରେ ପୂଜାପୂର୍ବକ ଫଳମୂଳ ପ୍ରସାଦ ଲଗାଯାଏ । ଉପାସକମାନେ ତହିଁ ପରଦିନ ସୂର୍ଯ୍ୟୋଦୟପରେ ତିଥି କିମ୍ବା ନକ୍ଷତ୍ରର ସମାପ୍ତିପରେ ଭୋଜନ କରି ପାରଣ କରନ୍ତି।

ଏହି ପୂଜାର ଅନ୍ୟଏକ ଦିଗ ହେଉଛି ଉପବାସ । ବିଜ୍ଞାନ କହେ ଶରୀରର ୬୫ ପ୍ରତିଶତ ଶକ୍ତି ଖାଦ୍ୟ ହଜମ କରିବାରେ ଲାଗେ । ଉପବାସ ରହିବା ଦ୍ୱାରା ଏହି ଶକ୍ତି ଶରୀରର ଅନ୍ୟ କୋଷ ଓ ଅଙ୍ଗରୁ ବାହ୍ୟ ଅନିଷ୍ଟକାରୀ ରୋଗ ଜୀବାଣୁମାନଙ୍କୁ ନଷ୍ଟ କରିବାରେ ସାହାଯ୍ୟ କରେ । ଏହା ଦ୍ୱାରା ଶରୀରରୁ ଅନେକ ରୋଗ ଭଲ ହୋଇଥାଏ । ମେଦବହୁଳତା ହ୍ରାସପାଇଁ ଏହା ଅତ୍ୟନ୍ତ ଉପକାରୀ ଉପାୟ । ଉପବାସ ରହିବା ଦ୍ୱାରା ମନ ଶାନ୍ତ ଓ ଶୁଦ୍ଧ ରହିବା ସହିତ ମନରେ ଭକ୍ତିଭାବ ଜାଗ୍ରତ ହୁଏ ।

ଶ୍ରୀକୃଷ୍ଣଙ୍କର ଜୀବନଶୈଳିକୁ ଅନୁଧ୍ୟାନ କଲେ ଜଣାଯାଏ ଶତୃ ମାମୁ କଂସଙ୍କ ବନ୍ଦୀଶାଳାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ବିପଦପୂର୍ଣ୍ଣ ଓ ସଂଘର୍ଷମୟ ଥିଲା । ତଥାପି ସର୍ବଦା ତାଙ୍କ ଅଧରରେ ସ୍ମିତହାସ୍ୟ ଲାଗି ରହିଥିଲା । ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳିତ ଭାବେ ସମସ୍ୟାର ସମାଧାନ କରିପାରୁଥିଲେ । ତାଙ୍କର ବୀରତ୍ୱ, ନିର୍ଭିକତା, ନୈତିକତା, ନମ୍ରତା, ରାଷ୍ଟ୍ରସେବା, ଯୁଦ୍ଧନୀତି, ରାଜ୍ୟ ପ୍ରତିଷ୍ଠା, ଶାସ୍ତ୍ରୋପଦେଶ ଇତ୍ୟାଦି ଅତୁଳନୀୟ ଗୁଣ ଥିଲା । ତେଣୁ ସେ ସମୟର ଥିଲେ ସବୁଠାରୁ ଦକ୍ଷ ରାଜନୀତିଜ୍ଞ, କୂଟନୀତିଜ୍ଞ ଓ ଅର୍ଥନୀତିଜ୍ଞ । ବାଲ୍ୟ ଚପଳତା ସହିତ ପିତୃମାତୃ ଭକ୍ତିକୁ ଭୁଲି ନଥିଲେ ।

ଜଣେ ପ୍ରଜାବତ୍ସଳ ରାଜା ଭାବରେ ସେ ସର୍ବତ୍ର ପୂଜା ପାଉଥିଲେ । ଏତେ ପ୍ରକାର ଜଞ୍ଜାଳ ମଧ୍ୟରେ ପରିବାର ତଥା ପତ୍ନୀମାନଙ୍କ ପ୍ରତି କର୍ତବ୍ୟରେ ଅବହେଳା କରୁ ନ ଥିଲେ । ପିତା ଭାବରେ ଅବାଧ ସନ୍ତାନମାନଙ୍କ ପ୍ରତି ଦଣ୍ଡ ବିଧାନରେ ତିଳେମାତ୍ର ହେଳା କରିନାହାନ୍ତି । ସଖାଭାବେ ସୁଦାମାଙ୍କୁ ସାହାଯ୍ୟ ଓ ପାଣ୍ଡବମାନଙ୍କୁ ମହାଭାରତ ଯୁଦ୍ଧରେ ଅକୁଣ୍ଠ ସାହାଯ୍ୟ କରିଥିଲେ । ସେ ଥିଲେ ଏକଧାରାରେ ଜଣେ ଆଦର୍ଶ ପୁତ୍ର, ପିତା, ସ୍ୱାମୀ, ସଖା ଓ ସାମ୍ରାଜ୍ଞୀ । ବାସ୍ତବରେ ସେ ଥିଲେ ସ୍ଥିତପ୍ରଜ୍ଞ । ଶ୍ରୀମଦ୍ ଭାଗବତ୍ ଗୀତା ତାଙ୍କର ସର୍ବଶ୍ରେଷ୍ଠ ବାଣୀ । ଯେଉଁ ବାଣୀକୁ ଶ୍ରବଣ କରି ଅର୍ଜୁନ ବିଷାଦଯୋଗରୁ ନିବୃତ ହୋଇ କର୍ମପ୍ରବୃତ୍ତ ହୋଇଥିଲେ । ଏଥିରେ ମଣିଷର ସଂପୂର୍ଣ୍ଣ ଜୀବନଦର୍ଶନ ଲିଖିତ ଅଛି । ଗୀତା ବାଣୀର ସାରମର୍ମକୁ ହୃଦୟଙ୍ଗମକରି ଯେଉଁ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ବା କରିବେ ତାଙ୍କର ମଣିଷଜୀବନ ସାର୍ଥକ ହେବ । ଶ୍ରୀକୃଷ୍ଣ ଜଙ୍ଗଲରେ ଗଛମାନଙ୍କ ଗହଳରେ ଗାଈ ଚରାଇବା ଓ କ୍ଷୀରରୁ ପ୍ରସ୍ତୁତ ସରଳବଣୀ ତାଙ୍କର ପ୍ରିୟ ଖାଦ୍ୟଥିଲା । ଯମୁନା ନଦୀ, କଦମ୍ବମୂଳ ପଶୁପକ୍ଷୀ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ। ଗରି ଗୋବର୍ଦ୍ଧନ ପର୍ବତକୁ ବାମହାତର କନଷ୍ଠା ଆଙ୍ଗୁଳିରେ ୮ ଦିପର୍ଯ୍ୟନ୍ତ ଧାରଣ ଗାଈଗୋରୁ ଓ ଗୋକୁଳବାସୀଙ୍କ ଆଶ୍ରୟ ଦେଇ ରକ୍ଷା କରିଥିଲେ। ଏହା ଦ୍ୱାରା ସେ ସମାଜକୁ ବାର୍ତ୍ତା ଦେଇଯାଇଛନ୍ତି ଯେ ଗଛ, ଗାଈ, ଗଙ୍ଗା, ଗିରି ଓ ଗଗନକୁ ସଂରକ୍ଷଣ କରି ତାଙ୍କର ସଦୁପଯୋଗ କରିପାରିଲେ ମଣିଷ ସମାଜ ଶାନ୍ତି ଓ ନିରୋଗରେ ରହିପାରିବ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଆମର ପ୍ରଚଳିତ ପର୍ବଗୁଡିକ ଲୋକାଦେଖାଣିଆ ଓ ଖୁସି ମଜାର କଥା ନୁହେଁ । ଏହା ଆମର ସଂସ୍କୃତି, ପରମ୍ପରା, ଐଶୋରିକ ଭକ୍ତି ଭାବନା ଓ ବୈଜ୍ଞାନିକ ଭିତିଭୂମୀ ଉପରେ ପର୍ଯ୍ୟବେସିତ । ଏହାର ଅର୍ନ୍ତନିହିତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ପର୍ବଗୁଡିକୁ ପାଳନ କଲେ ଏହାର ସୁଫଳ ପାଇହେବ ।

ଅନୁଶାସନ ସଚିବ, ଅର୍ଥବିଭାଗ, ଲୋକସେବା ଭବନ
ସଂପର୍କ: ୯୪୩୮୫୫୫୭୭୦



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ମଙ୍ଗଳବାର ୧୪ଜାନୁୟାରୀ ୨୦୨୫




୬୧୧ ।

## ଇଟିଏଣ୍ଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ୨୧ ତମ ବାର୍ଷିକ ଉତ୍ସବ

ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ୨ ନଂ କଲ୍ୟାଣ ମଣ୍ଡପ ଠାରେ ଇଟିଏଣ୍ଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ୨୧ ତମ ବାର୍ଷିକ ଉତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନର ବ□ମାନ ଏବଂ ପୂରାତନ ଛାତ୍ରଛାତ୍ରୀ , ଶିକ୍ଷକ, ଓକେସିଏଲର ସମସ୍ତ କେନ୍ଦ୍ରର ସଂଯୋଜକ, ମିଡ଼ିଆ ବନ୍ଧୁ ତଥା ଅତିଥିମାନଙ୍କ ଗହଣରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ଛାତ୍ରଛାତ୍ରୀ ମାନଙ୍କର ଅତିପ୍ରିୟ ଅଧାପକ ଏବଂ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ. ତରୁଣ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନର ସମାଜରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ତଥା କମ୍ପ୍ୟୁଟର ଶିକ୍ଷାରେ ଏ.ଆଇର ଗୁରୁତ୍ବ ଏବଂ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟର ପରମ୍ପରା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଉତ୍ସବରେ ଶିଶୁମାନଙ୍କ ମନସ୍ତ□କୁ ଅତି ନିଖୁଣ ଭାବରେ ଅଧ୍ୟୟନ କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ଶିଶୁମାନଙ୍କ ମନସ୍ତ□କୁ ବୁଝି ସେମାନଙ୍କ ପାଇଁ ଡକୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିବାରେ ସିଦ୍ଧହସ୍ତ ରାଜ୍ୟପାଳ ପୁରସ୍କାର ବିଜେତା ଶିକ୍ଷାବିତ ଯଶୋବନ୍ତ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଅସିତ କୁମାର ସୁପକାର, ପ୍ରଧାପିକ ନିବେଦିତା ଆଚାରୀ ସମ୍ମାନିତ ଅତିଥି ରୂପେ ଯୋଗଦେବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ କମ୍ପୁଟର ଶିକ୍ଷାର ବିଶାଳ ପ୍ରଶାରୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ । ଇଟିଏଣ୍ଟି ଅନୁଷ୍ଠାନର ନିର୍ଦ୍ଦେଶକ ସତୀଶ କୁମାର ପଣ୍ଡା ପୈରୋହିତ୍ୟ କରିଥିବା ବେଳେ ଓକେସିଏଲର ଜିଲ୍ଲାମୁଖ୍ୟ ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରୀଚଳନା କରିଥିଲେ । ଶେଷରେ ଅନୁଷ୍ଠାନର ସଂସ୍ଥାପକ ପ୍ରଣତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠାନର ପୂର୍ବତନ ତଥା ଅଧୁନାତନ ଶିକ୍ଷକ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଅନୁଷ୍ଠାନ ଦ୍ୱାରା ପ୍ରଦ□ ବିଭିଉ ପାଠ୍ୟ ଖସଡ଼ା ଏବଂ ଏହାର ଉପକାରିତା ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା ।ଏହା ପରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ପାଲା ଗାୟକ କୁନାଲ ଚରଣ ବେହେରା ଓ ତାଙ୍କର ସାଥି କଳାକାର ମାନଙ୍କ ଦ୍ୱାରା ବେଟି ପଢାଓ ବେଟି ବଚାଓ ଉପରେ ଆଧାରିତ ହୋଇ ସମାଜକୁ ଏକ ସାକାରାତ୍ମକ ବାର୍ତ୍ତା ଦେଇଥିଲେ । ଏଥିରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଉପସ୍ଥିତି ଥିଲେ ।

## ଦିନିକିଆ ସଇଁତଲା ଗସ୍ତ ରେ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ




ଟିଟିଲାଗଡ (ମହାଭାରତ).ବଲାଙ୍ଗୀର ଜିଲ୍ଲା ସଇଁତଲା କୁ ଆଜି ଓଡିଶା ସରକାର ଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦିନିକିଆ ଗସ୍ତ କରି ଥିବାବେଳେ ପ୍ରଥମେ ସଇଁତଲା ନବୀନ ଛକ ଠାରେ ଶତାଧିକ ବିଜେପି କର୍ମୀ ମାନେ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତଂ ସମର୍ଥନା କରିଥିଲେ ଓ ଅଞ୍ଚଳର ସମସ୍ତ ଅସୁବିଧା ସୁବିଧା ବୁଝିଥିଲେ ଓ ତାପରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଓ ଅନ୍ୟାନ୍ୟ ଅତିଥିମାନଙ୍କ ସହିତ ସଇଁତଲା କନ୍ୟାଆଶ୍ରମ କୁ ମଧ ପହଞ୍ଚି ଥିବା ସହ ସ୍କୁଲ ର ବିଭିଉ ଉଉୟନ କାମ ବିଷୟ ରେ ଆଲୋଚନା କରିଥିଲେ । ଶତାଧିକ ଛାତ୍ରୀ ମାନଙ୍କୁ କିଛି ଗୁରୁ ମନ୍ତ୍ର ମଧ ପ୍ରଦାନ କରିବା ସହ କନ୍ୟା ଆଶ୍ରମ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ ଛାତ୍ରୀ ମାନଙ୍କ ସହ କରାଯାଇଥିଲା । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇ ଥିଲା ଉକ୍ତ କାର୍ଯ୍ୟକ୍ରମ ରେ ଡୋଳାମଣି ବସ୍ତିଆ ,ବିମଳ ସର୍ମା ,ମୋହନ ନାଏକ, ଦର୍ଶନ ପଧାନ ,ରସାନ୍ତ ସାହୁ ,ତ୍ରଲକ୍ଷ ସାହୁ ,ଗୋବର୍ଦ୍ଧନ ତ୍ରିପାଠୀ ,ରାମେଶ୍ୱର ସାହୁ ,ଜଗଦିଶ ସାହୁ ,କୈଳାସ ରଣା ଓ ସମସ୍ତ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ଓଡିଶା ବ୍ରିଗ୍ରେଡ ସ୍କୁଲ ର ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ତୁରଙ୍ଗ ସ୍ଥିତ ବିକାଶ ନଗର ଠାରେ ଥିବା ଓଡିଶା ବ୍ରିଗ୍ରେଡ ସ୍କୁଲ ର ୨୭ ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯେ, ଓଡିଶା ବ୍ରିଗ୍ରେଡ ସ୍କୁଲ ର ୨୭ ତମ ବାର୍ଷିକ ଉତ୍ସବ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟ ବକ୍ତା ଭାବେ ଖମାର ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ପଣ୍ଡା, ସମ୍ମାନୀୟ ଅତିଥି ବରୁଣ କୁମାର ସାହୁ, ତୁରଙ୍ଗ ସରପ□ ସମରେନ୍ଦ୍ର ଦେହୁରୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ସୁଶାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ସ୍କୁଲ ବିଭିଉ ବିଷୟରେ ଆଲୋକପାତ କରିଥିଲେ । ତା ସହିତ ସ୍କୁଲ ପକ୍ଷରୁ ପୂର୍ବରୁ ଆୟାଜିତ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ତା ପରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିଉ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବ କାର୍ଯ୍ୟାଳୟ କୁ ଓଡିଶା ବ୍ରିଗ୍ରେଡ ସ୍କୁଲ ର ପ୍ରିନ୍ସିପାଲ ରମାକାନ୍ତ ପଣ୍ଡା ପରିଚାଳନା କରିବା ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

## କୋରଡ଼ା ଭରତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରୀ ଚୋର ଧରିବାରେ ପୋଲିସ ବିଫଳ



ନୂଆଗାଁ (ମହାଭାରତ) : ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ଭରତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରଡ଼ାୟ ପୂର୍ବରୁ ଦୁଇଥର ଚୋରି ହୋଇଥିଲେ ମଧ ଚୋରକୁ ସନ୍ଧାନ ପାଉନି ନୂଆଗାଁ ପୋଲିସ । ପ୍ରଥମେ ତା ୨୦ଯ୦୮ଯ୨୦୧୯ ରେ ବିଦ୍ୟାଳୟରୁ କମ୍ପ୍ୟୁଟର, ପ୍ରିଣ୍ଟର ମେସିନ୍ ଚୋରି ହୋଇଥିଲା ବେଳେ ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମମତା ମଞ୍ଜରୀ ଦେଇ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେହିପରି ତା ୧୩ଯ୮ଯ୨୦୨୪ ରେ ରୋଷେଇ ଘର ତାଲା ଭାଙ୍ଗି ଗ୍ୟାସ୍ ସିଲିଣ୍ଡର୍ ଚୋରି ହୋଇଥିଲା ଏନେଇ ପ୍ରଧାନ ଶିକ୍ଷକ ତ୍ରିନାଥ ଜାନୀ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ କିନ୍ତୁ ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଥିଲା । ଗତକାଲି ରବିବାର ହୋଇଥିବାରୁ ବିଦ୍ୟାଳୟ ବନ୍ଦ ଥିଲା । ଏହାର ସୁଯୋଗ ନେଇ ପୂର୍ବ ପରି ଦୃର୍ବୁ□ ମାନେ ରାତି ଅଧିଆ ବିଦ୍ୟାଳୟ ଅଫିସ୍ ଘର ତାଲା ଭାଙ୍ଗି ସାଉଣ୍ଡ ବକ୍ସର ସ୍ପିକର, ମାଇକ୍ରୋଫୋନ, ଦୁଇଟି ବିଜ୍ଞାନ ବକ୍ସ ରୁ ବିଜ୍ଞାନ ଉପକରଣ ଜିନିଷ ସହିତ ରୋଷେଇ ଘରର ତାଲା ଭାଙ୍ଗି ମାଟି ଚୁଲି ଭାଙ୍ଗି ଦେଇଛନ୍ତି । ପ୍ରଧାନ ଶିକ୍ଷକ ତ୍ରିନାଥ ଜାନୀ ଆଜି ବିଦ୍ୟାଳୟକୁ ଆସି ଦେଖିଲା ବେଳକୁ କେହି ଦୃର୍ବୃଉ ମାନେ ତାଲା ଭାଙ୍ଗି ଚୋରୀ କରି ନେଇଥିବା ଜାଣିବାକୁ ପାଇଥିଲେ । ଏନେଇ ଆଜି ନୂଆଗାଁ ଥାନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ନୂଆଗାଁ ଥାନା ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।ଦୃର୍ବୃଉ□ ମାନେ ତିନି ତିନି ଥର ଚୋରୀ କରିବାରେ ସଫଳ ହୋଇଥିବା ବେଳେ ଏଥର ଚୋର ଧରିବାରେ ନୂଆଗାଁ ପୋଲିସ ସଫଳ ହେଉଛି ନା ବିଫଳ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ।

## ଶିକାର କରିବାକୁ ଯାଇ ଶିକାରି ଗିରଫ ୧୬ଟି ଫାସ କୁ ଜବତ କଲା ବନ ବିଭାଗ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଯୋଡା ସେକ୍ସନ ଅଧୀନସ୍ଥ କୟକରପାଣି ନିକଟସ୍ତ ବୈତରଣୀ (ଏ ) ସଂରକ୍ଷିତ ଜଙ୍ଗଲ ରେ ବନ୍ୟା ଜନ୍ତୁ ଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଲଗାଯାଇଥିବା ୧୬ଗୋଟି ଫାସ କୁ ବନବିଭାଗ ଜବତ କରିବା ସହିତ ଏଥିରେ ସଂପୃକ୍ତ ଅଭିଯୁକ୍ତ କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ ଜିଲ୍ଲା କୋଇଡା ଥାନୟ ଅନ୍ତର୍ଗତ ମୟଲଦୟ କାକରପାଣି ଅଞ୍ଚଳ ର ରୟା ମୁଣ୍ଡା । ଯୋଡା ବନପାଳ ତ୍ରିନାଥ ନାଏକ ଙ୍କ ସୂଚନା ଅନୁଯାୟୀ,ଉକ୍ତ ଜଙ୍ଗଲ ରେ ବିଭିଉ ବନ୍ୟାଜନ୍ତୁ ଙ୍କୁ ଶିକାର କରିବା ଉଦ୍ଦେଶ୍ୟ ରେ ପ୍ରାୟ ୧୬ ଗୋଟି ଫାସ ଲଗାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ପକ୍ଷରୁ ସୋମ ବାର ସକାଳ ପ୍ରାୟ ୬.୫୫ ମୀ ସମୟରେ ଚଢାଉ କରାଯାଇ ଫାସ ଜବତ କରିବା ସହିତ ଏଥିରେ ସଂପୃକ୍ତ ଅଭିଯୋଗରେ ଅଭିଯୁକ୍ତ କୁ ଗିରଫ କରିଥିଲା ।ଏହି ଫାସ ମୁଖ୍ୟତଃ ବାର୍ ହା,ହରିଣ ଓ ଅନ୍ୟାନ୍ୟ ଜନ୍ତୁ ଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିବା ବନ ପାଳ ଜେନା ସୂଚନା ଦେଇଛନ୍ତି ।ଏହି ଚଢାଉ ରେ ଯୋଡା ବନପାଳ ଙ୍କ ସମେତ ଗୁଅଥଲି ବନପାଳ ଅକ୍ଷୟ କୁମାର ମହାନ୍ତି,ଯୋଡା ଫରେଷ୍ଟ ଗାର୍ଡ ନୀଲମ ମହାନ୍ତ, ବନ ସ୍କ୍ୱାର୍ଡ ଜୟ ସିଂ ମୁଣ୍ଡୟ ଓ ମୁରଲୀ ନାୟକ ପ୍ରମୁଖ ସାମିଲ ଥିଲେ ।

## ମନ୍ତ୍ରୀ ଙ୍କ ଜନ୍ମଦିନ ରେ ଶୁଭେଚ୍ଛା ଜଣାଇଲେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ଟ୍ରଷ୍ଟ



ପାରାଦୀପ (ମହାଭାରତ): ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଜନ୍ମଦିନ ଅବସରରେ ପାରାଦୀପ ନିର୍ବାଚନ ମଣ୍ଡଳୀ ସମେତ ବନ୍ଦର ସହରରେ ବିଭିଉ ଅନୁଷ୍ଠାନ, ସଂଗଠନ ଓ ବ୍ୟକ୍ତି ବିଶେଷ ଙ୍କ ପକ୍ଷରୁ ମନ୍ତ୍ରୀ ଙ୍କୁ ଜିରୋ ପଏ□ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ସୋମବାର ଦିନ ଶୁଭେଚ୍ଛା ଜଣାଇଥିଲେ । ଏହି ପରିପ୍ରେକ୍ଷୀରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ କର୍ମକର୍ତ୍ତା ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା,ରାକେଶ ପଟ୍ଟନାୟକ, ସୁଧାଂଶୁ ନାୟକ ଙ୍କ ସମେତ ବହୁ ସଦସ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଙ୍କୁ ଫୁଲତୋଡ଼ା ଓ ଉ□ରୀୟ ପ୍ରଦାନ ପୂର୍ବକ ଜନ୍ମ ଦିନର ଶୁଭେଚ୍ଛା ଜଣାଯାଇଥିଲେ । ସେହିପରି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ପାରାଦୀପ ପୋର୍ଟ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ ଓ ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଙ୍କ ସମେତ ବିଭିଉ ସଂଗଠନ ପକ୍ଷରୁ ମନ୍ତ୍ରୀ ଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହି ଶୁଭେଚ୍ଛା କାର୍ଯ୍ୟକ୍ରମ ଅବସରରେ ସେଠାର ପରିବେଶ ଲୋକରଣ୍ୟ ହୋଇପଡ଼ିଥିଲା । ସୂଚନାଥାଉକି ମନ୍ତ୍ରୀ ଙ୍କ ଲୋକସମ୍ପର୍କ ଓ ବ୍ୟକ୍ତିତ୍ୱ ପାଇଁ ସାରା ନିର୍ବାଚନ ମଣ୍ଡଳୀ ସମେତ ସାରା ରାଜ୍ୟରେ ତାଙ୍କର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ।

## ଗ୍ରୀନ ପ୍ଲାଏଉଡ ରାଜେଶ ମିଓ୍ୱାଳ ପ୍ରକଳ୍ପ: ନିଯୁକ୍ତି ପାଇବେ ଦୁଇ ପଞ୍ଚାୟତବାସୀ

ସେମିଲିଗୁଡା:(ମହାଭାରତ)କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଅନ୍ତର୍ଗତ, ଦଳେଇଗୁଡ଼ା ଓ ପାକଝୋଲା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା କାଡ଼ାମଗୁଡ଼ା ଗ୍ରାମରେ ଦୁଇ ପଞ୍ଚାୟତ ବାସୀ ଶତାଧିକ ଲୋକେ ଆଲଚନାରେ ଭାଗ ନେଇଥିଲେ । ଉକ୍ତ ବୈଠକ ରେ ପ୍ରତି ଗ୍ରାମରୁ ଜଣେ ଲେଖାଏ ନିଜନିଜର ମତ ସାବ୍ୟସ୍ତ କରିଥିଲେ । ତଥା ଶିକ୍ଷାର ଉଉତି, ସ୍ୱାସ୍ଥ୍ୟ ସେବା ପାନୀୟ ଜଳ ବ୍ୟବସ୍ଥା ରାସ୍ତା ଘାଟ ମରାମତି, ସ୍କୁଲ କଲେଜ, ପାରିପାର୍ଶିକ ଅଞ୍ଚଳର ଉଉତି କରଣରେ ସିଏସ ଆର ଅନୁଦାନ ବ୍ୟବସ୍ତା, ୨୪ ଘଣ୍ଟା ଆମ୍ବୁଲାଏନ୍ସ ବ୍ୟବସ୍ଥା ଏବଂ ଅଞ୍ଚଳ ବାସୀଙ୍କ ରୋଜଗାର ନିମନ୍ତେ ୭୦ ଭାଗ ନିଯୁକ୍ତି ଦେବା ଉପରେ ଗ୍ରାମ ବାସୀ ଦାବି ରଖିଥିଲେ । ପୁଣି ଗ୍ରାମ ବାସିଙ୍କ ସ୍ଥାପନାକୁ ଗ୍ରୀନ ପ୍ଲାଇଉଡ କମ୍ପାନୀର କର୍ତ୍ତୃପକ୍ଷଙ୍କ ସହ ମତ ଦେଇଥିବା ଦେଖିବାକୁ ମିଳିଥିଲା । କମ୍ପାନୀର ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରାନଯାଏ ଆଗାମୀ ଦିନରେ ଗ୍ରୀନ ପ୍ଲାଇଉଡ଼ କମ୍ପାନୀକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।ଏବଂ ସେମିଲିଗୁଡା ତହସିଲଦାର ଦେବ ବ୍ରତକରାଟେ, ସେମିଲିଗୁଡା ବିଡ଼ିଓ ଜସ୍ମିନ ପ୍ରଧାନ, ଗ୍ରୀନ ପ୍ଲାଇଉଡ଼ର ନଡାଲ ଅଧିକାରୀ ପି.କେ.ଦାସ, ଆରଆଇ , ବ୍ଲକ ଉପାଦକ୍ଷ ଶିବା ବାଙ୍ଗାରି, ପିଓ ଅଭିମନ୍ୟୁ ଖରା, ଦଳେଇଗୁଡ଼ା ସରପଞ୍ଚ ମହାଲକ୍ଷ୍ମୀ ଯାନୀ, ପାଖଝୋଲା ସରପ□ ପ୍ରତିନିଧି ଲକ୍ଷ୍ମଣ କ୍ରିସାନି, କୋରାପୁଟିଆ ଜନସୁରକ୍ଷା ସଂଘ ସଭାପତି ଦାସି ନନ୍ଦୀବାଲି, ମଙ୍ଗୁଡ଼ୁ ଜାନି, ଘାସିରାମ ସୁପ୍ରିୟା, ମାଳିପର୍ବତ ସୁରକ୍ଷା ସମିତି ସଂଘ ସଭାପତି ବିଜୟ ଖିଲଙ୍କ ଉପସ୍ଥିତିରେ ଚୁକ୍ତି ନାମା କରି ୬୦ ଏକର ଜାଗା ଚିହ୍ନଟ କରାଯାଇଥିଲା । ଏଥିରେ ପୁରୁଷ ମହିଳା ସମସ୍ତେ ଯୋଗଦେଇ ଶାନ୍ତିପୂର୍ଣ ଭାବେ ବୈଠକ ସମାପନ କରିଥିଲେ ।

## ସରକାରୀ କାମରେ ଲାଗୁଛି ବେଆଇନ୍ ଖଣି ମୋରମ

ଖୋର୍ଦ୍ଧା,(ମହାଭାରତ) : ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ଦୀର୍ଘ ଦିନରୁ କ୍ୟାବିନ୍ ସହର ରୂପେ ପରିଚିତ ଖୋର୍ଦ୍ଧା ସହରର ରୂପରେଖ ବଦଳେଇବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ ଚାଲିଛି । ବର୍ଷ ବର୍ଷ ଧରି ପ୍ରଶାସନ ଏବଂ କ୍ୟାବିନ୍ ବ୍ୟବସାୟୀଙ୍କ ମଧ୍ୟରେ କ୍ୟାବିନ୍ ଉଚ୍ଛେଦକୁ ନେଇ ଛକାପଞ୍ଝା ଲାଗି ରହିଥିଲା । ତେବେ ପରିଶେଷରେ ଖୋର୍ଦ୍ଧା ସହର ମଧ୍ୟରୁ ରୁ କ୍ୟାବିନ ଉଚ୍ଛେଦ କରିବାରେ ପ୍ରଶାସନକୁ ସଫଳତା ମିଳିଛି । ଏବେ ଉଛେଦ ପ୍ରକ୍ରିୟା ପରେ ବିସ୍ଥାପିତ ଦୋକାନୀକୁ ସଠିକ୍ ଥଇଥାନ କରିବା ପ୍ରଶାସନ ଆଗରେ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛ । ସହରର ମାରୱାଡ଼ି ପଟି ଠାରୁ ନେଇ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ଉଠା ଦୋକାନକୁ ଉଚ୍ଛେଦ କରିବା ପରେ ଖୋର୍ଦ୍ଧା ଟିଏଲସି ରୋଡ ସ୍ଥିତ ସ୍ମାର୍ଟ ମଶାଣୀ ସମ୍ମୁଖରେ ଥିବା ପୁରୁଣା ମଶାଣୀ ଜାଗାରେ ସମସ୍ତ ଉଠା ପରିବା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ପାଖରେ ଥିବା ପରିତ୍ୟକ୍ତ ପଥର ଖଣିକୁ ପ୍ରଶାସନ ପକ୍ଷରୁ ମୋରମ ପକାଇ ପୋତିବା କାର୍ଯ୍ୟ ଆରମ୍ଭ ହୋଇଛି । ତେବେ ସ୍ଥାନୀୟ ପୌର ପରିଷଦ ଅଧୀନରେ ଥିବା ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ସରକାରୀ ଖାତା ନଂ-୧୧୦୭, ପ୍ଲଟ-୨୬୨୦, ଯାହାକି ସ୍ପଷ୍ଟ ପୁରାତନ ପତିତ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ଉକ୍ତ ଜମିରେ ଥିବା କିଛି ଅଂଶରୁ ବହୁ ବର୍ଷ ପୂର୍ବରୁ ପଥର କଟା ଯାଇଥିବା ବେଳେ ଉକ୍ତ ସ୍ଥାନରେ ବର୍ଷାଦିନେ ପାଣି ଜମିରହି ଏକ ଜଳାଶୟର ରୂପ ଧାରଣ କରିଥାଏ ଏବଂ ପାର୍ବଣ ସମୟରେ ସମସ୍ତ ଦେବାଦେବୀଙ୍କ ମାଟିମୂର୍ତ୍ତିକୁ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶରେ ଉକ୍ତ ଜଳାଶୟରେ ବିସର୍ଜନ କରାଯାଏୟ ତେବେ ପୌର ପରିଷଦ ଦ୍ୱାରା ପ୍ରତିଷ୍ଠା ହୋଇଥିବା ପରିବା ହାଟ ବଜାର ସଂଲଗ୍ନ ମୂର୍ତ୍ତି ବିସର୍ଜନ ହେଉଥା ଏହି ଜଳାଶୟକୁ ହାଇୱା ଟ୍ରକ୍ ମାନଙ୍କରେ ଶହ ଶହ ଟ୍ରିପ ମୋରମ ପକାଯାଇ ପୋତିବା କାର୍ଯ୍ୟ ଆରମ୍ଭ ହୋଇଛି । ଜଳାଶୟ ପୋତାଯିବା ସମ୍ପର୍କରେ ଖୋର୍ଦ୍ଧା ପୌର ପରିଷଦ ଅଧିକାରୀଙ୍କ ଠାରୁ ନେଇ ଖଣିବିଭାଗ ଅଧିକାରୀ କାହା ପାଖରେ କୌଣସି ସୁଚନା ନଥିବା ବେଳେ କାହା ନିର୍ଦ୍ଦେଶରେ ଉକ୍ତ ଜଳାଶୟକୁ ପୋତା ଯାଉଛି ଏବଂ ଏତେ ସଂଖ୍ୟକ ମୋରମ କେଉଁ ସରକାରୀ ଅନୁମୋଦିତ ଲିଜ ଖଣିରୁ ଆସୁଛି ।, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛିୟ ସ୍ପଷ୍ଟ ଦିବାଲୋକରେ ଶହଶହ ଜନସଧାରଣ ଏବଂ ପୌର ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ହାଇୱାରେ ଆସି ମୋରମ ପଡୁଥିବା ବେଳେ ଜେସିବି ମେସିନ୍ ଜରିଆରେ ପୋତା ଯାଉଛି । ଯେଉଁଠି ଅନୁମତି ପତ୍ର ଥାଇ ମଧ ଗୋଟିଏ ଟ୍ରକ୍ ମୋରମ ସହର ଭିତରକୁ ଆଣିବା କଷ୍ଟକର ହୋଇ ପଡୁଛି, ସେଠି କିପରି ଶହ ଶହ ସଂଖ୍ୟାରେ ହାଇୱା ଟ୍ରକ୍ ଜରିଆରେ ମୋରମ ସହର ଭିତରକୁ କାହାଅନୁମତିରେ ଆସୁଛି । ଏହି ମୋରମ ଯୋଗାଇବା ପଛରେ ବେଆଇନ୍ ଖଣି ମାଲିକ ଏବଂ ରାଜସ୍ୱ ବିଭାଗ କର୍ମଚାରୀ ସାମିଲ ନାହାନ୍ତି ତ । ପ୍ରଶାସନ ସବୁ ଜାଣି ମଧ ଚୁପ୍ ରହିଥିବା ନେଇ ସ୍ଥାନୀୟ ଲୋକଙ୍କ ମନ ଭିତରେ ଅନେକ ସନ୍ଦେହ ଉଙ୍କି ମାରିଥିବା ବେଳେ ଏହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛ । ଏ ନେଇ ଜିଲ୍ଲା ଖଣି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ଯେ କୌଣସି ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକ ମୋରମ କେବଳ ଲିଜ୍ ପ୍ରାପ୍ତ ଖଣିରୁ ଆସିବାର ନିୟମ ରହିଛି । ନିୟମ ଅନୁଯାୟୀ କାର୍ଯ୍ୟ ହେଉଥିଲେ, ନିହାତି ଭାବରେ ତାହା ତଦନ୍ତସାପେକ୍ଷ ଏବଂ ଖୋର୍ଦ୍ଧା ଜିଲ୍ଲାରେ କେବଳ ମୁଣ୍ଡାଆମ୍ବ ମୌଜା ଅନ୍ତର୍ଗତହୋଇଥାଏ କାଳୀବେଟି ଖଣିକୁ ସରକାରୀ ଅନୁମତି ଥିବାବେଳେ ଜିଲ୍ଲାର ଅନ୍ୟ କେଉଁ ସ୍ଥାନରେ ଖଣି ଖନନ ପାଇଁ କୌଣସି ସରକାରୀ ଙ୍କ ଅନୁମତି ପ୍ରଦାନ କରାଯାଇନାହିଁ ବୋଲି କହିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ମୋରମ ସବୁ ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ା, ନାଳିପଡ଼ା ଅର୍ଜୁନପୁର ଏଂ ମଲ୍ଲିପୁର ପଞ୍ଚାୟତ ଅଞ୍ଚଳରେ ବେଆଇନ୍ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରୁ ବିପୁଳ ପରିମାଣରେ ମୋରମ ଅଣାଯାଇ ଏହି ଜଳାଶୟକୁ ପୋତା ଯାଉଛି । ତେବେ ଏ ହୀନ ଚକ୍ରାନ୍ତ ପଛରେ ରହିଛି କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଛି ? ପ୍ରଶାସନ ଚାପଗ୍ରସ୍ତ ହୋଇ ଚୁପ୍ ବସି ରହିଛନ୍ତି ନା ଏହା ପ୍ରଶାସନର ଅଗୋଚରରେ ହେଉଛି, ତାହା କୁ ନେଇ ଏବେ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ଦେଖା ଦେଇଛି ।

## କଳାହାଣ୍ଡି ଉତ୍ସବ ପାଇଁ ବୁଢ଼ାରଜା ପୀଠରୁ ମଶାଲ ଯାତ୍ରା

କୋକସରା,(ମହାଭାରତ) : ୨୭ତମ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ୨୦୨୫ର ଶୁଭାରମ୍ଭ ପାଇଁ ସୋମବାର କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସାଂସ୍କୃତିକ ପରିଷଦ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସହଯୋଗ କ୍ରମେ ବିଭିଉ ପୀଠରୁ ମଶାଲ ବାହାରିଛି । ଆମପାଣି ବୁଢ଼ାରଜା ଦେବଙ୍କ ପୀଠରୁ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ବାହାରିଥିବାବେଳେ ସିଉନୀଠାରେ ମଶାଲ ଯାତ୍ରାକୁ ସ୍ୱାଗତ କରାଯାଇଥିଲା । ସେଠାରୁ କୋକସରା ପହଞ୍ଚିବା ପରେ ବ୍ଲକ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ପଞ୍ଚାୟତ ସମିତି ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା, ପିଇଓ ବିରଞ୍ଚି ଖର୍ସେଲ, ବ୍ଲକ ସାମ୍ବାଦିକ ସଂଘ ସଭାପତି ଚକ୍ରଧର ବେଶ୍ରା, ସାମ୍ବାଦିକ ଜଗଦୀଶ ନାଏକ, ପରେଶ ପଟ୍ଟନାୟକ, ଘୁମୁରା ଗୁରୁ ମହେଶ୍ୱର ସରାଫ, ଗମ୍ଭାରୀଗୁଡା ସରପଞ୍ଚ ଇଶ୍ୱରାମ ସୁନାନୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ସେହିପରି ମୋଟେର, ଜୁନାଗଡ଼, ଜାରିଙ୍ଗ ଆଦି ସ୍ଥାନରେ ମଧ ଏହି ମଶାଲ ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଥିଲା । ମଶାଲ ଯାତ୍ରାକୁ ରାଷ୍ଟ୍ରୀୟ ଯୁବ ସ୍ୱଚ୍ଛାସେବୀ ଚରଣ ସିଂ ବାଗ, ଦୂର୍ମାନ୍ୟ ଶବର ଓ ଠାକୁର ନାଏକଙ୍କ ନେତୃତ୍ୱରେ ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ଓ ମନୋରଞ୍ଜନ ବାଣ୍ଡୁଆ ପ୍ରମୁଖ ଆମପାଣି ବୁଢ଼ାରଜା ପୀଠରୁ ମଶାଲ ନେଇ ଭବାନୀପାଟଣା ଲାଲବାହୁର ଷ୍ଟାଡିୟମ ଅଭିମୁଖେ ବାହାରିଥିଲେ ।



## କମାଗୁରୁ ଉଚ୍ଚବିଦ୍ୟାଳୟ ୨୦୧୦ ବ୍ୟାଚ୍ ବନ୍ଧୁମିଳନ ଉତ୍ସବ



ଟାଙ୍ଗୀ(ମହାଭାରତ): ଛାତ୍ରଦିନରସ୍ମୃତି ପୁଣିତାଜା ହୋଇ ଉଠିଛି ।୨୦୧୦ ମସିହାରେ ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କମାଗୁରୁ ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମା ଉଗ୍ରତାରା ଦେବୀଙ୍କ ପୀଠରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ରଞ୍ଜିତ ବେହେରା ଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୨୦ରୁ ଅଧିକ ପୁରାତନ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ଦୀର୍ଘ ୧୪ବର୍ଷ ପରେ ଏଭଳି ନିଆରା ଆୟୋଜନ କରାଯାଇଥିବାରୁ ସମସ୍ତଙ୍କ ମଧ୍ୟରେ ଥିଲା ନାହିଁ ନଥିବା ଉତ୍ସାହ । ଏଥିରେ ସମସ୍ତ ବନ୍ଧୁମାନେ ଆଗ୍ରହର ସହ ଯୋଗଦେଇ ନିଜର ଛାତ୍ର ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ । ଏହିକାର୍ଯ୍ୟକ୍ରମରେ ଗୀତାଞ୍ଜଳି ପଟ୍ଟନାୟକ, ମିଥୁନ ସେଠୀ,ସାଗର ପାତ୍ର,ତ୍ରିଲୋଚନ ଦାଶ, ତପନ ଦାଶ, ପ୍ରସନ୍ନସାହୁ,ପ୍ରମୁଖ ସହଯୋଗ କରିଥିଲେ ।

## ଗୋଲାମୁଣ୍ଡା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବଘୁମୁରା ଉଦଯାପିତ



ଗୋଲାମୁଣ୍ଡା (ମହାଭାରତ)କଳାହାଣ୍ଡି ଜିଲ୍ଲା କଳା,ସାଂସ୍କୃତିକ ଓ ପରମ୍ପରାର ଲୋକ କଳାର ବହାକ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା - ୨୦୨୫ ରବିବାର ଦିନ ଉଦଯାପିତ ହୋଇଯାଇଛ ।ଗୋଲାମୁଣ୍ଡା ବ୍ଲକ ଶିବାଜୀ ଷ୍ଟାଡିୟମ୍ ଚୁରା ପାହାଡ଼ ମ□ରେ ୩ ଦିନ ଧରି ଚାଲିଥିବା ଏହି ଲୋକ ମହୋତ୍ସବ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱ କ୍ରମେ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଂଜନ ପାଟ୍ଟଯୋଶୀ ,ସମ୍ମାନିତ ଅତିଥି ଭାବେ ଉଉୟନ ଅଧିକାରୀ ଦୟାମୟ ପାଢ଼ୀ,ଓଡ଼ିଶା ସୁଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ପୁର୍ବତନ ମନ୍ତ୍ରୀ ହିମାଂଶୁ ମେହେର,ମନରେଗା ଲୋକପାଳ ପରଂବ୍ରହ୍ମ ଯୋଶୀ,ଜୁନାଗଡ଼ ପୁର୍ବତନ ବ୍ଲକ ଅଧକ୍ଷ ମନୋଜ ମେହେର,ଗୋଲାମୁଣ୍ଡା ପୂର୍ବତନ ଜିଲ୍ଲାପରିଷଦ ବୃଷଭ ନାଏକ, ବି ଇ ଓ ଭବାନୀ ଶଙ୍କର ଯୋଶୀ,ତହସିଲଦାର ଚନ୍ଦନ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ମଞ୍ଚରେ ସଫଳ ଚାଷୀ,କୃତୀ ମହିଳା,ସହିଦ ପରିବାର ତଥା ଅନେକ ବିଭାଗ ର ବରିଷ୍ଠ ଅଧିକାରୀ ମାନଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇଥିଲା । ମଞ୍ଚଟି ଘୁମୁରା,ସିଂଗ ବାଜା, ବଜାସାଲ ନୃତ୍ୟରେ ଦୁଲୁକୁ ଥିବାବେଳେ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ରୁକୁ ସୁନା ଓ ସାଥିଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ମେଲୋଡି କାର୍ଯ୍ୟକ୍ରମ । ହଜାର ହଜାର ଦର୍ଶକଙ୍କ ଭିଡ଼କୁ ଦେଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୋଲାମୁଣ୍ଡା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ହୁଡ଼ି ସାହିରେ ନୂତନ ବୋରୱେଲ ଉଦଘାଟନ

କୋଇଡା (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ କାଶୀରା ପଞ୍ଚାୟତର ହୁଡ଼ି ସାହିରେ ନିରନ୍ତର ଜଳ ଯୋଗାଣର ଆବଶ୍ୟକତାକୁ ଅନୁଭବ କରି ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ନୂତନ ଗଭୀର ବୋରୱେଲର ଶୁଭ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦିବାକର ନାଏକ ଯୋଗ ଦେଇ ଉଦଘାଟନ କରି ଟାଟା ଷ୍ଟିଲକୁ କତଜ୍ଞତା ଜଣାଇ ସମାଜର କଲ୍ୟାଣ ପାଇଁ ବିଶୁଦ୍ଧ ଜଳର ସୁବିଧା ଉପରେ ଆଲୋକପାତ କରିଥିବା ବେଳେ ଟାଟା ଷ୍ଟିଲ ଫାଉଣ୍ଡେସନର ୟୁନିଟ ହେଡ଼ ସଞ୍ଜୟ କୁମାର ସର୍ଦ୍ଦାର ଯୋଗ ଦେଇ ଏହି ପ୍ରକଳ୍ପର ମହତ୍ୱ ଉପରେ ଗୁରୁତ୍ୱାରୋପ କରି ଗ୍ରାମା□ଳର ବିକାଶ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ସବୁବେଳେ ତତ୍ପର ଅଛି ବୋଲି ତାଙ୍କ ବକ୍ତବ୍ୟରେ କହିଛନ୍ତି । ଏହି ବୋରୱେଲ ଉଦଘାଟନ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ହୁଡ଼ି ସାହିର ବାସିନ୍ଦା ଟାଟା ଷ୍ଟିଲକୁ ଏଭଳି ମହତ୍ୱ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଥିଲେ।

## ହିନ୍ଦୋଳରେ ଗୋଷ୍ଠୀ ସଂଘର୍ଷ ଜଣେ ଗୁରୁତର ଆହତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାସୋଳ ଥାନା ବେଢ଼ାପଢ଼ା ଗ୍ରାମରେ ଗତ ରାତିରେ ଗୋଷ୍ଠୀ ସଘର୍ଷରେ ଜଣେ ଯୁବକ ଗୁରୁତର ଭାବେ ଆହାତ ହୋଇ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛିୟ ସୂଚନା ଅନୁଯାୟୀ ଗତକାଲି ବେଡାପଡା ଗ୍ରାମରେ ସୁବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।ଫାଇନାଲ ମ୍ୟାଚ ସରିବା ପରେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା ପରେ ରାତିରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା ।ଗଣ୍ଡଗୋଳରେ ସ୍ଥାନୀୟ ସରପ□ଙ୍କ ଭାଇ ରାକେଶ ପରିଡାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରଥମେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କୁ ରାତି ୧୦ଟା ୩୦ରେ ମୁଖ୍ୟ ଚିକିତ୍ସଳୟରୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ଗତକାଲି ରାତିରେ ତିନି ପ୍ଲାଟୁନ ପୋଲିସ୍ ଫୋର୍ସ ମୃତୟନ କରାଯାଇଛି।ଗ୍ରାମର ସବର୍ଣ୍ଣ ଏବଂ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା ଏବଂ ସବର୍ଣ୍ଣ ଗୋଷ୍ଠୀର ରାକେଶ ଆହତ ହୋଇଥିବା ବେଳେ ଅସବର୍ଣ୍ଣ ଗୋଷ୍ଠୀର ଲୋକଙ୍କ ଘର ଦ୍ୱାର ଭଙ୍ଗାରୋଜା ହୋଇଥିବା ଦେଖିବାକୁ ମିଳିଛି ଓ ଭୟରେ ଅସବର୍ଣ୍ଣ ଲୋକମାନେ ଗ୍ରାମ ଛାଡି ପଳାଉଥିବା ଦେଖିବାକୁ ମିଳିଛି ଓ ତେବେ ଉଭୟ ଗୋଷ୍ଠୀର ରାସୋଳ ଥାନା କେଶନଂ ୧୮/୨୦୨୫ରେ ୨୦ଜଣଙ୍କୁ ଟଙ୍-୧୯୧(୨)/୧୯୧(୩)/୧୧୮(୨)/୧୦୯/୧୯୦ଈଘଙ ରେ ୨୦ଜଣ ଏବଂ କେଶନଂ ୧୯/୨୦୨୫, ଦଫା ଟ/ଙ୧୯୧(୨)/୧୯୨(୩)/୭୫/୧୧୫(୨)/୩୦୩(୨)/୩୨୪(୫)/୩୫୧(୨)/୧୯୦ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତଦନ୍ତ ଜାରି ରଖିଛନ୍ତି

## ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ



ପାରାଦୀପ(ମହାଭାରତ): ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଦୁଇଦିନ ଧରି ପାଳିତ ହୋଇ ଆସୁଥିବା ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ ଜାନୁଆରୀ ୧୨ ତାରିଖ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଅଛି। ଏହି ଉଦଯାପନୀ ସଭାରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରାଦ୍ୱୀପର ଯୁବକ ମାନଙ୍କୁ ବିପଥଗାମୀ ନହୋଇ ନିଶାମୁକ୍ତ ହୋଇ ନିଜର ଓ ପାରାଦ୍ୱୀପର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ସରକାରଙ୍କ ତରଫରୁ ପାରାଦ୍ୱୀପରେ ହେବାକୁ ଥିବା ଏୟାରପୋର୍ଟର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ। ରାଜ୍ୟ ସରକାର ଓ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ଓଡିଶାର ବିକାଶ ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପର ଏମ୍.ୟୁ ସ୍ୱାକ୍ଷରିତ ହୋଇସାରିଛି। ଯାହାଫଳରେ ପାରାଦ୍ୱୀପ ଓ ଓଡ଼ିଶାର ଯୁବକମାନଙ୍କୁ ବହୁଳମାତ୍ରାରେ ନିଯୁକ୍ତି ସୃଷ୍ଟିକରିବୟ ପାରାଦ୍ୱୀପ ବିକାଶରେ ହିଁ ଓଡ଼ିଶାର ବିକାଶ ସମ୍ଭବପର ହୋଇପାରିବ । ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ତରଫରୁ ପ୍ରସ୍ତାବିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ପାରାଦ୍ୱୀପ ଯେ କୌଣସି ଏକ ଯାଗାରେ ସ୍ଥାପନ କରିବାପାଇଁ ମନ୍ତ୍ରୀ ମହୋଦୟ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ। ଉକ୍ତ ସଭାରେ ଜଗତସିଂହପୁରର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଯୁବକ ମାନଙ୍କ ପ୍ରତି ସ୍ୱାମୀଜୀ ଙ୍କର ଆହ୍ୱାନ ସଂପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ପାରାଦ୍ୱୀପ ରେ ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଏଭଳି ଏକ ନିରାଡ଼ମ୍ବର କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେୟ ସମ୍ମାନିତ ଅତିଥି ଭାବେ ଟ୍ରଷ୍ଟର ଉପଦେଷ୍ଟା ତଥା ପାରାଦୀପ ବନ୍ଦର ର ପୂର୍ବତନ ଟ୍ରଷ୍ଟି ଭୁବନ ମୋହନ ଜେନା ଓ ପ୍ରତାପ ମିଶ୍ର ଯୋଗଦେଇ ପାରାଦ୍ୱୀପର ଯୁବକମାନଙ୍କୁ ବିବେକାନନ୍ଦଙ୍କ ଆହ୍ୱାନ ପ୍ରତି ଅନୁପ୍ରାଣିତ ହୋଇ ସୁସ୍ଥ ଓ ସମୃଦ୍ଧି ପାରାଦ୍ୱୀପ ଗଠନ ଦିଗରେ କାର୍ଯ୍ୟରତ ହେବାପାଇଁ ପ୍ରେରଣା ଦେଇଥିଲେ । ଟ୍ରଷ୍ଟ ତରଫରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ, ଛଦ୍ମବେଶ, ଓ ନୃତ୍ୟ ପ୍ରତିଯୋଗିତାର ବିଜେତା ମାନଙ୍କୁ ମୁଖ୍ୟଅତିଥି , ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡ଼ିକୁ ମାନପତ୍ର ପ୍ରଦାନ କରାଯାଇଥିଲା । କିଛି ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ବ□ନ କରାଯାଇଥିଲା। ସଭାରେ ଟ୍ରଷ୍ଟ ର ସଭାପତି ବିଭୁପ୍ରସାଦ ନାୟକ, ସାଧାରଣ ସଂପାଦକ ତଥା ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ଉପସଭାପତି ଦେବବ୍ରତ ସାହୁ, ସଂପାଦକ ବିଧାନ ଚନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ ଶଶିକାନ୍ତ ନାୟକ, ସଦସ୍ୟ ଏନ. ଜେ.ରାଓ, ସାରଦା ପ୍ରସନ୍ନ ବେହେରା, ରଶ୍ମିରଞ୍ଜନ ହରିଚନ୍ଦନ, ବୈଦନାଥ ବେହେରା, ସମୀର ବର୍ମନ , ପବିତ୍ର ରାଉତ, ଜିତେନ୍ଦ୍ର ସାମଲ, ସଞ୍ଜୟ ମହାନ୍ତି, ରାଚ୍‌କଶ ଜୟପ୍ରକାଶ, ପ୍ରମୁଖ ସହଯୋଗ କରି ସଭା ଓ କାର୍ଯ୍ୟକ୍ରମ କୁ କରିଥିଲେ।

# ଆଜିଠୁ ୨୭ତମ କଳାହାଣ୍ଡି ଉତ୍ସବ

## ୩୨୮ ଗୋଟି ଷ୍ଟଲ, ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ ୧୦ ପ୍ଲାଟୁନ ପୁଲିସ ଫୋର୍ସ



ଭବାନୀପାଟଣା, (ମହାଭାରତ)- ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟିଆସିବେ ହଜାର ହଜାର କଳାକାର। ଏ ମାଟିର ପ୍ରଥା, ପରମ୍ପରା ଓ ସଂସ୍କୃତିର ଝଲକରେ ଝଲସି ଉଠିବ ସହିଦ ରେଣ୍ଡୋ ମାଝୀ ମଞ୍ଚ । ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ଜିଲ୍ଲାର ଏହି ସାଂସ୍କୃତିକ ମହାକୁମ୍ଭ ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲାର ବିଭିନ୍ନ ବିଭାଗ ସହିତ ଏଥିପାଇଁ ଗଠିତ ବିଭିନ୍ନ ଉପକମିଟିଗୁଡିକ ଚଳଚ□ଳ ହୋଇ ନିଜର ଦାୟିତ୍ୱ ତୁଲାଉଥିବାବେଳେ ଏହି ବ୍ୟାପକ ପ୍ରସ୍ତୁତି ଆଜି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଜିଲ୍ଲାର ଏହି ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଛି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ । ଏପରିକି ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଆୟୋଜିତ ହେଉଥିବା ଏହି ଉତ୍ସବକୁ ସର୍ବାଦୌ ସଫଳ କରିବାକୁ ଲୋକଙ୍କ ସହଯୋଗ ଲୋଡିଛି ଜିଲ୍ଲା ପ୍ରଶାସନ । ଏଥିପାଇଁ ଆଜି ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ପୁଲିସ ବିଭାଗର ଉଚ୍ଚ ଅଧିକାରୀ, ବିଭିନ୍ନ ଉପକମିଟିର ଅଧ୍ୟକ୍ଷ, ଆବାହକ ଓ ସଦସ୍ୟ ଉପସ୍ଥିତ ରହି ନିଜର ପ୍ରସ୍ତୁତି ଓ ଆସନ୍ତା ଚାରିଦିନର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ । ଏଥର କଳାହାଣ୍ଡି ଉତ୍ସବର ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଅନେକ ଗଠନମୂଳକ ପଦକ୍ଷେପ ନେଇଥିବାବେଳେ ମଙ୍ଗଳବାରରୁ ଆରମ୍ଭ ହୋଇ ଚାରିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବକୁ ସଫଳ କରିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲ୍ଲାର ବିଭିନ୍ନ ପୀଠରୁ ପବିତ୍ର ମଶାଲ ଆସି ଗାନ୍ଧୀଛକରେ ପହଞ୍ଚିବା ପରେ ମାଣିକେଶ୍ୱରୀଙ୍କ ମନ୍ଦିରରୁ ମୁଖ୍ୟ ମଶାଲ ସହିତ ଏହା ଉତ୍ସବସ୍ଥଳକୁ ଯିବ। ସେହିପରି ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ସହିତ ଖ୍ୟାତି ସଂପନ୍ନ କଳାକାରମାନଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବ ସ୍ଥଳ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ୩୨୮ ଗୋଟି ସରକାରୀ, ବେସରକାରୀ ଷ୍ଟଲ ସ୍ଥାପନ କରାଯିବ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉତ୍ସବର ଚାରିଦିନ ଯାକ କଳାହାଣ୍ଡି ପୁଲିସର ୧୦ ପ୍ଲାଟୁନ ପୁଲିସ ଫୋର୍ସ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ ଓ ସେମାନଙ୍କୁ ସହଯୋଗ କରିବାକୁ ଅଗ୍ନିଶମ ବିଭାଗ, ହାଇସ୍କୁଲ ଓ କଲେଜ ସ୍ତରୀୟ ଏନସିସି କ୍ୟାଡେଟମାନେ ନିୟୋଜିତ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ କଳାହାଣ୍ଡିର କଳା,ସଂସ୍କୃତି, ପରମ୍ପରା ଓ ଭାଇଚାରାର ଗାଥା ବଖାଣୁଥିବା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ର ସଫଳ ଆୟୋଜନରେ ସମସ୍ତଙ୍କ ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ। ଏହି ଅବସରରେ କଳାହାଣ୍ଡି ଉତ୍ସବ ଘୁମୁରାର ବ୍ୟାପକ ପ୍ରସାର ପ୍ରଚାର ପାଇଁ ଏକ ନୂତନ ୱେବସାଇଟ ଉନ୍ମୋଚନ କରାଯାଇଥିଲା।

## ରାସ୍ତା ମରାମତି ପାଇଁ ତାଡିନେଲେ ଗୋଚର, ଆଇନ କାନୁନ କୁ ଫୁଁ,



ଅସ୍ତରଙ୍ଗ (ମହାଭାରତ): ମହାଭାରତ ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମପଞ୍ଚାୟତର ପାଇଖଲା ଗ୍ରାମର ଭାଙ୍ଗିଯାଇଥିବା ଏକ କଂକ୍ରିଟ ରାସ୍ତାର ମରାମତି ପାଇଁ କିଛି ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ ନିକଟସ୍ଥ ଏକ ଗୋଚର ଜମି ପ୍ଲଟ ନମ୍ବର - ୧୦୬୦,ଖାତା ନମ୍ବର - ୨୪୨ରୁ ବେଆଇନ ଭାବେ ମାଟି ଖନନ କରି ଭଙ୍ଗା କଂକ୍ରିଟ ରାସ୍ତାରେ ମାଟି ପକାଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଉକ୍ତ ଗ୍ରାମବାସୀ । ପ୍ରକାଶ ଥାଉକି ଏକଦା ଦ୍ବିପ□ଳ ଭାବେ ପୁରୀଜିଲ୍ଲାର ଏକ ବିଛିନା□ଳର ପରିଚୟ ନେଇ ବଞ୍ଚୁଥିବା ତାଳଦା ଗ୍ରାମପଞ୍ଚାୟତର ହଜାର ହଜାର ଅଧିବାସୀ ୨ ଟି ବ୍ରିଜର ସଂଯୋଗ ପରେ ଆଶ୍ୱସ୍ତି ଲାଭ କରିଥିଲେ ମଧ ଏହି ପଞ୍ଚାୟତ ଅନ୍ତର୍ଗତ ଅଧିକାଂଶ ଗାଁ ରେ ଥିବା କଂକ୍ରିଟ ରାସ୍ତା ବର୍ଷ ବର୍ଷ ଧରି ମରାମତି ହେଉନଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ଏଠାରେ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ ପରିବର୍ତ୍ତେ ରାସ୍ତାର ମରାମତି ପାଇଁ ସ୍ଥାନୀୟ କିଛି ଲୋକଙ୍କ ଜବକାର୍ଡ ଜରିଆରେ ଗୋଚର ଜମିରୁ ସମ୍ପୂର୍ଣ ଭାବେ ବେଆଇନ ମାଟି ଉଠାଣ ହେଉଥିବା ଜଣାପଡିଛି । ଗୋଚର ଜମିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରାଜସ୍ୱ ନିୟମ ଥିବାବେଳେ ସମସ୍ତ ନିୟମକୁ ଫୁ କରି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ମୁଷ୍ଟିମେୟ ଲୋକେ ଏଭଳି ବେଆଇନ କାର୍ଯ୍ୟ କରିବାକୁ ପଛାଉ ନଥିବା ଗ୍ରାମର କିଛି ଚାଷୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏହି ପଞ୍ଚାୟତର ପ୍ରାୟ ସମସ୍ତ ଗାଁ ବନ୍ୟାପ୍ଲାବିତ ଅଞ୍ଚଳ ହୋଇଥିବା ଯୋଗୁଁ ଗୋରୁଗାଇଙ୍କ ଚରଣ ସହ ତଳିଆ ଲୋକଙ୍କ ଆଶ୍ରୟ ପାଇଁ ଏହି ଗୋଚର ଜମିର ସରଂକ୍ଷଣ ଆବଶ୍ୟକତା ଥିବାବେଳେ ଏଥିପ୍ରତି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ହୁଅନ୍ତୁ ବା ରାଜସ୍ୱ ବିଭାଗ କର୍ମଚାରୀ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ।ଏଭଳି ବେଆଇନ ମାଟି ପକାଇ ତାଳି ପକା କାର୍ଯ୍ୟ କରିବା ପରିବର୍ତ୍ତେ ଉକ୍ତ ରାସ୍ତାର ସ୍ଥାୟୀ ନିର୍ମାଣ କରିବାକୁ ଦାବୀ ହୋଇଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରେ ଗୋଚର ଜମିରୁ ମାଟି ଉଠାଇବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ପାଟଣା ଗସ୍ତ ନେଇ ବିଜେପିର ପ୍ରସ୍ତୁତି ବୈଠକ

ପାଟଣା:-(ମହାଭାରତ) ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଆସନ୍ତା କାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଟଣା ସ୍ଥିତ ପରମେଶ୍ୱର ମନ୍ଦିର ସନ୍ନିକଟ ରେ ଥିବା ଅନୁସୁୟା ଘାଟରେ ମକର ବୁଡ଼ ପକାଇବାର କାର୍ଯ୍ୟକ୍ରମ ରହିଛି। ସ୍ନାନ ପରେ ପରମେଶ୍ୱର ମହାଦେବ ଏବଂ ତା ପରେ ପାଟଣା ର ଆରାଧ ଆନନ୍ଦେଶ୍ୱର ମହାଦେବ ଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ଅଛି। ଏଥି ସହିତ ଆନନ୍ଦେଶ୍ୱର୍ ମନ୍ଦିରରେ ଚାରି ଶାସନ ବ୍ରାହ୍ମଣଙ୍କ ଆଶୀର୍ବାଦ ନେବା ସହିତ ଦଳୀୟ କର୍ମକର୍ତ୍ତା ଏବଂ ସମର୍ଥକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଅଛି। ଆଜି ସନ୍ଧ୍ୟାରେ ପ୍ରଶାସନ ଦ୍ୱାରା କରାଯାଇଥିବା ସମସ୍ତ ପ୍ରସ୍ତୁତିକୁ ପରିଦର୍ଶନ କରିବା ସହିତ ବିଧାନସଭା ର ସମସ୍ତ ମଣ୍ଡଳ ସଭାପତି ଏବଂ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଛନ୍ତି ସବୀର ଦାଶ। ଏଥି ସହିତ ନବ ନିଯୁକ୍ତ ସମସ୍ତ ମଣ୍ଡଳ ସଭାପତି ଙ୍କୁ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଙ୍କ ସହିତ ମିଶି ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଙ୍କ ଗସ୍ତରେ ସମସ୍ତ ପ୍ରକାରର ଶୃଙ୍ଖଳାକୁ ନଜର ରଖିବାକୁ ଦଳୀୟ କର୍ମୀଙ୍କୁ ସଚେତନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପାଟଣା ଆଗମନକୁ ନେଇ ପାଟଣା ବାସୀ ବେଶ୍ ଉତ୍ସାହିତ ଅଛନ୍ତି।

## ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଙ୍କୁ ଠାକୁରମୁଣ୍ଡା ରେ ସ୍ୱାଗତ



କରଞ୍ଜିଆ ।, (ମହାଭାରତ)ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗକୁଳା ନନ୍ଦ ମଲ୍ଲିକ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଅବସର ରେ ଠାକୁରମୁଣ୍ଡା ଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ଭୁବନେଶ୍ୱର ରୁ ରାଇରଙ୍ଗପୁର ଯିବା ବାଟରେ ଠାକୁରମୁଣ୍ଡା ହନୁମାନ ଛକ ନିକଟରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଙ୍କ ସମେତ ଭାଜପା ଜିଲ୍ଲା ସମ୍ପାଦକ ବିମଳ କୁମାର ସେନାପତି,ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ପୂର୍ବତନ ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା,ମହୁଲଡ଼ିହା ମଣ୍ଡଳ ନୂତନ ସଭାପତି ରଘୁନାଥ ନାୟକ ଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ମନ୍ତ୍ରୀ ଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ।ପରେ ମନ୍ତ୍ରୀ ରାଇରଙ୍ଗପୁର ଅଭିମୁଖେ ଯାଇଥିଲେ।

## ଠାକୁରମୁଣ୍ଡା ପଞ୍ଚାୟତ ସମିତି ର ୮ମ ବୈଠକ ଅନୁଷ୍ଠିତ ଅଣ୍ଡା ଏବଂ ଛତୁଆ ଠିକ ସମୟରେ ପହଞ୍ଚୁ ନଥିବା ଅଭିଯୋଗ

,କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ପଞ୍ଚାୟତ ସମିତି ର ୮ମ ବୈଠକ ୧୩ ତାରିଖ ଦିନ ବ୍ଲକ ପରିସର ରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି।ପଞ୍ଚାୟତ ସମିତି ର ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମିତି ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଡ଼ିଓ ସପ୍ନେଶ୍ୱର ବେହେରା,କେନ୍ଦୁଝର ଲୋକସଭା ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ,ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ,୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ମଡେଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।ବୈଠକରେ ବିଭିନ୍ନ ଗ୍ରାମପଞ୍ଚାୟତ ର ସମିତି ସଭ୍ୟ,ସରପଞ୍ଚ ଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।ବୈଠକ ଆରମ୍ଭ ରେ ବ୍ଲକ ପ□ାୟତ ଉନ୍ନୟନ ଅଧିକାରୀ ଦଳେଇ ସିଂ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେୟ ପରେ ଅଧ୍ୟକ୍ଷା ଙ୍କ ଅନୁମତି କ୍ରମେ କୃଷି,ପଶୁସମ୍ପଦ, ଶିକ୍ଷା,ସ୍ୱାସ୍ଥ୍ୟ, ଶିଶୁ ବିକାଶ ଯୋଜନା, ଉଦ୍ୟାନ କୃଷି,ମତ୍ସ୍ୟ ଚାଷ,ବିଦ୍ୟୁତ ଯୋଗାଣ,ଜଙ୍ଗଲ ଓ ପରିବେଶ,ମୃର୍ତ୍ତିକା ସଂରକ୍ଷିଣ, ଉନ୍ନୟନ କାର୍ଯ୍ୟ,ପାନୀୟ ଜଳ,ସାଧାରଣ ବ□ନ,ସାମାଜିକ ସୁରକ୍ଷା, ମଙ୍ଗଳ ବିଭାଗ ସମେତ ଏମ ଜି ଏନ ଆର ଜିଏସ ଯୋଜନା ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା କ୍ଷବୈଠକ ରେ ଶିକ୍ଷ ବିକାଶ ଅଧିକାରୀ ଉପସ୍ଥିତ ନଥିବାରୁ ସେ ବିଷୟ କୌଣସି ଆଲୋଚନା ହୋଇପାରିଲା ନାହିଁ। ବୈଠକ ରେ ଉପସ୍ଥିତ ସମିତି ସଭ୍ୟ ଓ ସରପ□ ମାନେ ନିଜ ନିଜ ଅଞ୍ଚଳ ର ବିଭିନ୍ନ ବିଭାଗ ସହିତ ଜଡିତ ସମସ୍ୟା ଗୁଡିକ ବୈଠକ ରେ ଆଲୋକପାତ କରିଥିଲେ। ସଲାଇବେଡ଼ା ସରପ□ ପେଲଙ୍ଗ ହୋ ପଞ୍ଚାୟତ ର ଅଗନୱାଡ଼ି ମାନଙ୍କରେ ଠିକ ସମୟରେ ଅଣ୍ଡା ଏବଂ ଛତୁଆ ପହ□ୁନଥିବା ଅଭିଯୋଗ କରିଛନ୍ତି । ଶାଳଚୁଆ ପ□ାୟତ ସରପ□ ଅଭିଯୋଗ କିକରିଥିଲେ ପଞ୍ଚାୟତର ୫୦ ପ୍ରତିଶତ ଗ୍ରାମରେ ଇଲେକ୍ଟି ପହଞ୍ଚି ପାରିନାହିଁ । ଉପସ୍ଥିତ ସଂପୃକ୍ତ ବିଭାଗ ର ଅଧିକାରୀ ମାନେ ଉତ୍ତର ରଖି ଥିଲେ।ଅଧିକାରୀ ମାନେ ନିଜ ନିଜ ବିଭାଗ ଗୁଡିକରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓ ହେବାକୁ ଥିବା ଯୋଜନା ଗୁଡିକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ଶୁଭ୍ରା ସ୍ୱାଇଁ,ଏବିଡ଼ିଓ ଟଙ୍କଧର ମହାନ୍ତ, ଏପିଓ ଧାନଚନ୍ଦ ମହାନ୍ତ ଉପସ୍ଥିତ ଥିଲେ।

# ପାଞ୍ଚ□ମାସ ହେଲା ବସୁନାହିଁ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ ବୈଠକ

## ବୈଠକ ନଡାକିବାରୁ ବଢିଛି ଦୁର୍ନୀତି ଓ ଉନ୍ନୟନ କାର୍ଯ୍ୟ ଠପ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପୂର୍ବରୁ ଦୁଇବର୍ଷ ଭିତରେ ବହୁ ଦୁର୍ନୀତି ହୋଇଥିବା ଭିଜିଲାନ୍ସ ତଦନ୍ତ ଅଭିଯୋଗ କରିଥିଲେ ୧୨ଅସନ୍ତୁଷ୍ଟ କାଉନସିଲର। ବିନା ଟେଣ୍ଡରରେ କାର୍ଯ୍ୟ, ସ୍ମାର୍ଟପାର୍କରେ ଅଧାକୋଟି ରୁ ଉର୍ଦ୍ଧ ଦୁର୍ନୀତି,କାଉନସିଲରଙ୍କ ଅଜ୍ଞାତରେ ମାଟିମୋରମ ରାସ୍ତା, କାମନକରି ଲକ୍ଷାଧିକ ଟଙ୍କା ବିଲ କରିନେବା ସହ ମୁକ୍ତା ଯୋଜନାରେ ବ୍ୟାପକ ଦୁର୍ନୀତି ପାଇଁ କାଉନସିଲର ମାନେ ବାରମ୍ବାର ରାଜ୍ୟସରକାର, ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଗୃହ ନଗର ଉର୍ଣ୍ଣୟନ ବିଭାଗଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ ଅଭିଯୋଗକୁ ଚାବିଦେବା ଇତ୍ୟାଦି ପାଇଁ ହିନ୍ଦୋଳ ଏନଏସି ଦେଖା ଦେଇଛି ଚରମ ବିଶୃଙ୍ଖଳାୟ ସେହିପରି କୋଟି କୋଟି ଟଙ୍କାର କେଳେଙ୍କାରୀ ଦୁର୍ନୀତି ଧରା ପଡିଯିବା ଭୟରେ ଦୀର୍ଘ ୫ମାସ ହେଲା ପରିଷଦ ନିୟମିତ ମାସିକ ବୈଠକ ଜାଣିଶୁଣି ଡକାଯାଉନଥିବାରୁ ଅସନ୍ତୁଷ୍ଟ ଉଭୟ ବିଜେଡି ଓ ବିଜେପିର ୧୧ଜଣ କାଉନସିଲର ଉପାଧାକ୍ଷା ପ୍ରତିମା ରାଉତଙ୍କ ନେତୃତ୍ୱରେ ଆଜି ଏନଏସି ନିର୍ବାହୀ ଅଧିକାରୀ ଆଲଫକ୍ଷ ଜେନାଙ୍କୁ ଚିଠି ଲେଖିଛନ୍ତି। କାଉନସିଲର ମାନେ କହିଛନ୍ତି ଯଦି ଜାଣିଶୁଣି ୧୦ଦିନ ଭିତରେ ପରିଷଦ ବୈଠକ ଡକା ନଯାଏ ତେବେ ଆଗାମୀ ୫ଦିନ ଭିତରେ କାଉନସିଲର ମାନେ ଉପାଧାକ୍ଷାଙ୍କ ଅଧ୍ୟକ୍ଷତା ରେ ବୈଠକ ଡାକି ଗୃହ ଓ ନଗର ଉର୍ଣ୍ଣୟନ ବିଭାଗ ଓ ରାଜ୍ୟ ସରକାରଙ୍କୁ ଲିଖିତ ଜଣାଇବେ। ତେବେ ଏଠାରେ ପ୍ରଶ୍ନ ସୃଷ୍ଟି ହୁଏ କାହା ଚାପରେ କିମ୍ବା ଇଙ୍ଗିତରେ ନିୟମ ଥିଲେ ମଧ ନିୟମ ଉଲଂଘନ କରି ମାସିକ ବୈଠକ ଡକାଯାଉନାହିଁ? କାହାର ସ୍ୱାର୍ଥ ହାନି ଏଥିରେ ଘଟିବ ନା ହୋଇଥିବା କୋଟିକୋଟି ଟଙ୍କାର ମେଗା ଦୁର୍ନୀତି ପର୍ଦାଫାଶ ହୋଇଯିବା ଭୟ ? ତେବେ ହିନ୍ଦୋଳ ଏନ ଏ ସି ର ବିଶୃଙ୍ଖଳା ଦୁର୍ନୀତିମୂଳକ କାର୍ଯ୍ୟକଳାପ ପାଇଁ ସମସ୍ତ ମୌଳିକ ସେବାରୁ ବଞ୍ଚିତ ତଥା ଅତିଷ୍ଠ ହିନ୍ଦୋଳ ଏନ ଏ ସି ବାସି ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ତୁରନ୍ତ ପରିଷଦ ବୈଠକ ଡକାଯିବାକୁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି।

# କଂଗ୍ରେସର ବଡ଼ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୧୨।୧: କଂଗ୍ରେସ ଆଜି ତାର ତୃତୀୟ ଗ୍ୟାରେଣ୍ଟି ଘୋଷଣା କରିଛି। ଏହି ଘୋଷଣା ଯୁବପିଢ଼ିଙ୍କ ପାଇଁ ଏହାର ନାମ ଯୁବ ଉଡାନ ଯୋଜନା କଂଗ୍ରେସ ଘୋଷଣା କରିଛି ଯେ, ଯଦି ଏହା ସରକାର ଗଠନ କରେ, ତେବେ ବେକାର ଯୁବକଯୁବତୀଙ୍କୁ ପ୍ରତିମାସରେ ୮୫୦୦ ଟଙ୍କା ଶିକ୍ଷାର୍ଥୀ ଭାବରେ ଦିଆଯିବ ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ସଚିନ ପାଇଲଟ ରାଜଧାନୀ ଦିଲ୍ଲୀରେ ଏହା ଘୋଷଣା କରିଛନ୍ତି। ସଚିନ ପାଇଲଟ କହିଛନ୍ତି, ୫ରେ ଦିଲ୍ଲୀର ଲୋକମାନେ ଏକ ନୂତନ ସରକାର ବାଛିବାକୁ ଯାଉଛନ୍ତି କଂଗ୍ରେସ ଦଳର ସମସ୍ତ ନେତା ଏବଂ କର୍ମୀ ସେମାନଙ୍କର ଦାୟିତ୍ୱ ନିର୍ବାହ କରୁଛନ୍ତି। ଅହଂକାର ସଂଘର୍ଷ ଯୋଗୁ ଦିଲ୍ଲୀବାସୀ କଷ୍ଟ ଭୋଗିଛନ୍ତି। ଜନସାଧାରଣ ପୂର୍ଣ୍ଣ ସୁଯୋଗ ଦେଇଥିଲେ। ଦିଲ୍ଲୀରେ ରହୁଥିବା ଆମର ଶିକ୍ଷିତ ବନ୍ଧୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କ ଯତ୍ନ ନେବା ସରକାରଙ୍କର କିଛି ଦାୟିତ୍ୱ କିନ୍ତୁ ତାହା ହୋଇପାରି ନାହାନ୍ତି। ପାଇଲଟ କହିଥିଲେ, ଦିଲ୍ଲୀର ଯେକୌଣସି ଯୁବକ ଶିକ୍ଷିତ ପୁଅ ହେଉ କି ଝିଅ, ଆମେ ପ୍ରତ୍ୟେକ ଶିକ୍ଷିତ ବେକାରଙ୍କୁ ଯୁବ ଉଡ଼ାଣ ଯୋଜନା ଅଧୀନରେ ପ୍ରତିମାସରେ ୮୫୦୦ ଟଙ୍କା ଦେବୁ।

# ଧୂଆଁ କମୁନି, ନିଆଁ ଲିଭୁନି, ନେଲାଣି ୧୬ ଜୀବନ

ୱାଂଶିଟନ,୧୨।୧: ହୁ ହୁ ହୋଇ ଜଳୁଛି ଜଙ୍ଗଲ ନିଆଁ ଆଁରେ ପଶିଗଲାଣି ଜନବସତି ଏହା ଥମିବାର ନାଁ ଧରୁନାହିଁ ନିଆଁ ସହ ଚାରିଆଡେ ବ୍ୟାପିବାରେ ଲାଗିଛି ଧୂଆଁ ଲସ୍ ଏଞ୍ଜେଲିସ୍‌ରେ ଲାଗିଥିବା ନିଆଁ ବିକରାଳ ରୂପ ଧାରଣ କରି ଜନବସତି ଆଡକୁ ବଢ଼ି ଚାଲିଛି।



ବର୍ତ୍ତମାନ ସୁଦ୍ଧା ଏହି ନିଆଁରେ ପୋଡି ୧୬ ଜଣଙ୍କ ଜୀବନ ଗଲାଣି ସେହିପରି ୧୨ ହଜାରରୁ ଅଧିକ ଘର ଜଳି ପୋଡି ପାଉଁଶ ହୋଇଗଲାଣି।

ନିଆଁ ଲିଭାଇବା ପାଇଁ ସରକାର ଲାଗି ପଡିଛନ୍ତି ତଥାପି ନିଆଁ ଆୟତ୍ତ ହେଉନାହିଁ ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ପାଇଁ ଝାଳ ବୁହା ପରିଶ୍ରମ ମଧ୍ୟ କରୁଛି କିନ୍ତୁ ପ୍ରବଳ ପବନ ଯୋଗୁ ଏହା ଲିଭିବା ବଦଳରେ ବଢ଼ି ଚାଲିଛି ପାଣିପାଗ ବିଭାଗର କହିବା ମୁତାବକ, ଆଜି ରାତି ଓ ସୋମବାର ଆହୁରି ଅଧିକ ପବନ ବହିବା ସମ୍ଭାବନା ରହିଛି। ତେଣୁ ନିଆଁ ଆହୁରି ବଢ଼ିବ ବୋଲି ଅଶଙ୍କା କରାଯାଇଛି। ଲସ୍ ଏଞ୍ଜେଲିସ୍ କାଉଣ୍ଟିର ଚାରି ଅଞ୍ଚଳରେ ନିଆଁ ବ୍ୟାପି ତାଣ୍ଡବ ରଚିଛି ଏଥିରେ ପେସିଫିକ୍ ପେଲିସେଡସ୍ ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଏଠାରେ ପ୍ରାୟ ୧୦୦୦ ଏକର ଯାଏଁ ନିଆଁ ବ୍ୟାପିଛି, ଯେଉଁଥିରେ ହଜାର ହଜର ଘର ଜଳି ପୋଡି ପାଉଁଶ ହୋଇଯାଇଛି ଫଳରେ ଏଠାର ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ ହୋଇଛନ୍ତି।

ଇଟନ୍ ଓ ଅନ୍ୟ ଅଞ୍ଚଳର ମଧ୍ୟ ନିଆଁର ପ୍ରକୋପ ଜାରି ରହିଛି ଲସ୍ ଏଞ୍ଜେଲିସ୍ କାଉଣ୍ଟିରେ ୧୦୦,୦୦୦ରୁ ଅଧିକ ବାସିନ୍ଦା ବିସ୍ଥାପିତ ହୋଇଯାଇଛନ୍ତି ସେହିପରି ନିଆଁ ଲାଗି ଅନେକ ହଲିଉଡ ଷ୍ଟାର୍ ମଧ୍ୟ ପ୍ରଭାବିତ ହୋଇଛନ୍ତି ସେମାନଙ୍କ ବେଶ୍ ଦାମୀ ଘରଗୁଡିକ ମଧ୍ୟ ପୋଡି ପାଉଁଶ ହୋଇଯାଇଛି। ଲସ୍ ଏଞ୍ଜେଲିସ କାଉଣ୍ଟି ପୁଲିସ ବିଭାଗ କହିଛି। ବର୍ତ୍ତମାନ ସୁଦ୍ଧା ନିଆଁରେ ପୋଡି ୧୬ ଜଣଙ୍କ ମୃତ୍ୟୁ ହୋଇଛି।ସେହିପରି ୧୩ ଜଣ ଏବେବି ନିଖୋଜ ଅଛନ୍ତି ପୀଡିତଙ୍କୁ ଉଦ୍ଧାର କରିବା ପାଇଁ ସନ୍ଧାନୀ କୁକୁର ସ୍କାଡ୍ ସହାୟତାରେ ଅଗ୍ନି ପ୍ରଭାବିତ ଅଞ୍ଚଳରେ ଥିବା ଘର ଏବଂ ଅନ୍ୟାନ୍ୟ ଅଟ୍ଟାଳିକାରେ ସର୍ଚ୍ଚ ଅପରେସନ ଚାଲିଛି। ସୂଚନା ମୁତାବକ, କାଲିଫର୍ଣ୍ଣିଆ। ଜଙ୍ଗଲରେ ନିଆଁ ଜାନୁଆରୀ ୭ ତାରିଖରେ ଲାଗିଥିଲା, ଯାହା ଏକ ସପ୍ତାହ ପରେ ମଧ୍ୟ ଥମିବାର ନାଁ ଧରୁନି ନିଆଁ ଲିଭାଇବା ପାଇଁ ଆକାଶ ମାର୍ଗରୁ ପାଣି ସିଞ୍ଚନ ଚାଲିଛି ତଥାପି ନିଆଁ ଆୟତ୍ତ ହେଉନାହିଁ।

# ୪ ଜଣଙ୍କୁ ବାନ୍ଧିଲା ଇଡି

ପଟନା ୧୨।୧୧(ଏଜେନ୍ସି):ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡୀ )ଜାତୀୟ ଜନତା ଦଳର ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ଆଲୋକ ମେହତା ଉପରେ କଡା ଅଭିମୁଖ୍ୟ ଗ୍ରହଣ କରୁଛି।ସେମାନଙ୍କ ଅନେକ କମ୍ପାନୀ ସହିତ ଜଡିତ କୋଟି ଟଙ୍କା ମନି ଲ୍ୟାଣ୍ଡ୍ରିଙ୍ଗ ମାମଲାରେ ଅନୁସନ୍ଧାନବେଳେ ମିଳିଥିବା ପ୍ରମାଣ ଆଧାରରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।ଏହି ମାମଲା ବିହାର ସ୍ଥିତ ବୈଶାଳୀ ସହରୀ କର୍ପୋରେସଲ ବ୍ୟାଙ୍କରୁ କୋଟି କୋଟି ଟଙ୍କା ଠକେଇ ହୋଇଛି।ଏହି ଘୋଟାଲରେ ବ୍ୟାଙ୍କର ଚେୟାରମ୍ୟାନ ସହିତ ସୀଇଓ ଏବଂ ବହୁ ଅଧୀକାରୀଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ।ଏହି ମାମଲାରେ ଅନୁସନ୍ଧାନବେଳେମିଳିଥିବା ବିବୃତ୍ତି ଆଧାରରେ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଦିଲ୍ଲୀରୁ ,ଅନ୍ୟଜଣେ କୋଲକାତାର ଏବଂ ଅବଶିଷ୍ଟ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ବିହାରରୁ ଗିରଫ କରାଯାଇଛି।

# କୋଲମ୍ବିଆରେ ବିମାନ ଦୁର୍ଘଟଣାରେ ୧୦ଜଣଙ୍କ ମୃତ୍ୟୁ



ବୋଗୋଟା,୧୨।୧୧(ଏଜେନ୍ସି): ଦକ୍ଷିଣ ଆମେରିକୀ ଦେଶ କୋଲମ୍ବିଆରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ଜଣଙ୍କ ମୃତ୍ୟୁ ଘଟିଛି।ବିମାନ ଅଧିକାରୀ ଏହା ନିଶ୍ଚିତ କରିଛନ୍ତି ।ପେସିଫିକ ଟ୍ରାଭେଲ ଦ୍ୱାରା ପରିଚାଳିତ ଏହି ବିମାନ ଜୁରାଡୋରୁ ମୋଡୋଲିନ ରାସ୍ତାରେ ବୁଧବାର ନିଖୋଜ ହୋଇଯାଇଥିଲା।ବିମାନର ଧ୍ୱଂସାବଶେଷ ଏଣ୍ଟିଓକ୍ୱିୟାର ଉତ୍ତର ପଶ୍ଚିମୀ କୋଲମ୍ବିୟା ବିଭାଗର ଉର୍ରାଓ୍ୱର ଏକ ଗ୍ରାମୀଣ ଅଂଚଳରେ ମିଳିଥିଲା।ମିଡିଆ ରିପୋର୍ଟ ଅନୁସାରେ ବିମାନରେ ଚାଳକ ଦଳର ଦୁଇ ସଦସ୍ୟ ଏବଂ ଆଠଜଣ ଯାତ୍ରୀ ଥିଲେ।ଏଣ୍ଟିଓକ୍ୱିୟାର ବିପଦ ପରିଚାଳନା ବିଭାଗର ନିର୍ଦ୍ଦେଶକ କାର୍ଲାସ ରିୟୋସ ପୁଏର୍ଟା କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ବିମାନରେ ଯାତ୍ରା କରୁଥିବା କେହି ମଧ୍ୟ ବଂଚିନାହାନ୍ତି। ଆମର ସାଇଟରେ ୩୭ କର୍ମୀ କାମ କରୁଛନ୍ତି।ଆମେ ଦ୍ୱିତୀୟ ପର୍ଯ୍ୟାୟ ତ୍ୱରାନ୍ୱିତ କରୁଛୁ,ଯେଉଁଥିରେ ମୃତଦେହ ଉଦ୍ଧାର ଏବଂ ନ୍ୟାୟିକ ପୋଲିସ ସହିତ ସମନ୍ୱୟ ଅନ୍ତର୍ଭୁକ୍ତ।ପ୍ରତିକୂଳ ପାଗ ଯୋଗୁଁ ପୁନରୁଦ୍ଧାର ପ୍ରକ୍ରିୟା ସହଜ ହେଉନାହିଁ।ତଥାପି ପୁନରୁଦ୍ଧାର ପ୍ରକ୍ରିୟା ଯଥାସମ୍ଭବ ଏବଂ ସକୁଶଳରେ ସମାପ୍ତ କରିବାକୁ ପ୍ରୟାସ ଚାଲିଛି।

# ଭାଜପାରେ ମିଶିବେ ଶରଦ ପାୱାର- ଉଦ୍ଧବ ଠାକରେ ?

ମୁମ୍ବାଇ,୧୩।୧: ଏନସିପି ନେତା ଶରଦ ପାୱାରଙ୍କ ବୟାନ ଉପରେ ପ୍ରତିକ୍ରିୟା ଦେଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ। ସେ କହିଛନ୍ତି ଯେ ଶରଦ ପାୱାର ହେଉଛନ୍ତି ଚାଣକ୍ୟ, ସେ ନିଶ୍ଚୟ ଅନୁଭବ କରିଥିବେ ଯେ ୨୦୨୪ ଲୋକ ସଭା ନିର୍ବାଚନରେ ଏମଭିଏ ଦ୍ୱାରା ପ୍ରଚାରିତ ନକଲି ଭାଷଣ ବିଧାନସଭା ନିର୍ବାଚନରେ ବିଫଳ ହୋଇଥିଲା।



ସେ କହିଛନ୍ତି ଯେ ଶରଦ ପାୱାର ନିଶ୍ଚୟ ଅନୁଭବ କରିଥିବେ ଯେ ଏହି ଶକ୍ତି (ଆରଏସଏସ) ସାଧାରଣ ରାଜନୀତିର ଶକ୍ତି ନୁହେଁ ବରଂ ରାଷ୍ଟ୍ର ନିର୍ମାଣର ଶକ୍ତି। ସେଥିପାଇଁ ସେ ନିଶ୍ଚୟ ଆରଏସଏସର ପ୍ରଶଂସା କରିଥିବେ। ଭାଜପାର ବିଜୟ ପାଇଁ ପାର ଆରଏସଏସକୁ ଶ୍ରେୟ ଦେଇଥିଲେ ସେ ବିଧାନସଭା ନିର୍ବାଚନରେ ଭାଜପାର ବିଜୟକୁ ମଧ୍ୟ ପ୍ରଶଂସା କରିଥିଲେ। ଶରଦ ପାୱାର ଗୋଷ୍ଠୀ ଏବଂ ଅଜିତ ପାୱାର ଗୋଷ୍ଠୀ ପୁଣି ଥରେ ନିକଟତର ହେବା କିମ୍ବା ଏକାଠି ହେବାର ସମ୍ଭାବନା ଉପରେ ଦେବେନ୍ଦ୍ର ଫଡନଭିସ କହିଛନ୍ତି, ମୁଁ ଆପଣଙ୍କୁ କହିବାକୁ ଚାହୁଁଛି, ଆପଣ ୨୦୧୯ ପରେ ମୋର ବକ୍ତବ୍ୟ ନିଶ୍ଚୟ ଶୁଣିଥିବେ। ୨୦୧୯ ରୁ ୨୦୨୪ ମଧ୍ୟରେ ଘଟିଥିବା ଘଟଣା ମୋତେ ଏହା କରିଛି ରାଜନୀତିରେ କିଛି ଅସମ୍ଭବ ନୁହେଁ ବୋଲି ମୋତେ ଅନୁଭବ କରାଇଛି। କିଛି ହେବ ନାହିଁ ବୋଲି ଭାବି ଆଗକୁ ବଢ଼ ନାହିଁ ଯେକୌଣସି ସମୟରେ କିଛି ହୋଇପାରେ। ଏକ ଗଣମାଧ୍ୟମର ସୂଚନା ଅନୁଯାୟୀ, ଫଡନଭିସ ଆହୁରି କହିଛନ୍ତି, ଉଦ୍ଧବ ଠାକରେ ସେଠାକୁ ଯାଇପାରିବେ, ଅଜିତ ପାୱାର ଏଠାକୁ ଆସିପାରିବେ। ରାଜନୀତିରେ କିଛି ବି ହୋଇପାରେ ଆମେ ଦୃଢ଼ ଭାବରେ କହୁଛୁ ଯେ ଏହା ହେବ ନାହିଁ, କିନ୍ତୁ ଆମକୁ ମନେ ରଖିବା ଉଚିତ ଯେ ଏଥିରେ କୌଣସି କ୍ଷତି ନାହିଁ ରାଜନୈତିକ ପରିସ୍ଥିତି ଆମକୁ କେଉଁଠାକୁ ନେଇଯିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ।

# ଜମ୍ମୁ-କାଶ୍ମୀରରେ ମରିଛନ୍ତି ୬୦% ପାକିସ୍ତାନୀ ଆତଙ୍କୀ

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** ଦେଶର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଜମ୍ମୁ-କଶ୍ମୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ଦେଇଛନ୍ତି ବଡ଼ ବୟାନ। ଗତ ବର୍ଷ ମୃତ ୬୦% ଆତଙ୍କବାଦୀ ପାକିସ୍ତାନର ଥିଲେ। ଆଜିର ସ୍ଥିତିରେ ଘାଟି ଓ ଜମ୍ମୁରେ ଯେଉଁ ଆତଙ୍କବାଦୀ ଅଛନ୍ତି, ଆମକୁ ଲାଗୁଛି ତାଙ୍କ ଭିତରୁ ପ୍ରାୟ ୮୦% ପାକିସ୍ତାନୀ। ଜମ୍ମୁ-କଶ୍ମୀର ବିଷୟରେ ଯଦି କଥା ହେବା ତେବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ନିୟନ୍ତ୍ରଣ ରେଖାରେ ଡିଜିଏମ୍‌ଓ ଭିତରେ ସହମତି ପରେ ଫେବୃଆରୀ ୨୦୨୧ ରୁ ପ୍ରଭାବୀ ସଂଘର୍ଷ ବିରାମ ଜାରି ରହିଛି। ତେବେ ଆତଙ୍କୀ ଡାଞ୍ଚା ଜାରି ରହିଛି। ଆଇବି ସେକ୍ଟରରୁ ଅନୁପ୍ରବେଶ କରିବାର ଚେଷ୍ଟା ଜାରି ରହିଛି। ନିକଟରେ ଉତ୍ତର କାଶ୍ମୀର ଓ ଡୋଡାର କିଶତୱାଡା ବେଲ୍ଟରେ ଆତଙ୍କବାଦୀ ଗତିବିଧି ବୃଦ୍ଧି ଘଟିଛି। ଜେନେରାଲ ଦ୍ୱିବେଦୀ କହିଛନ୍ତି ଆମେ ଏଥର ଅମରନାଥ ଯାତ୍ରା ବେଳେ ୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀଙ୍କୁ ଦେଖିଛି। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ସଞ୍ଚାଳନର ଏକ ସକାରତ୍ମକ ପରିବର୍ତ୍ତନ ସଙ୍କେତ। ସେ କହିଛନ୍ତି 'ଟେରୋରିଜମ୍ରୁ ଟୁରିଜିମ୍' ଥିମ ଧିରେ ଧିରେ ଆକାର ନେଉଛି।ସେ କହିଚନ୍ତି, ମୁଁ ସବୁଠାରୁ ପ୍ରଥମ ପ୍ରସଙ୍ଗ ଉପରେ କଥା ହେବି ଓ ଉତ୍ତର ସୀମାରୁ ଆରମ୍ଭ କରିବି। ଯେପରିକି ଆପଣମାନେ ଜାଣନ୍ତି, ସ୍ଥିତି ସମ୍ବେଦନଶୀଳ କିନ୍ତୁ ସ୍ଥିର ରହିଛି। ଅକ୍ଟୋବରରେ ପୂର୍ବ ଲଦାଖର ଦେପସାଙ୍ଗ ଓ ଡେମଚୋକରେ ସ୍ଥିତିରେ ସୁଧାର ହୋଇଛି। ସେନା ମୁଖ୍ୟ କହିଛନ୍ତି, ଏଲଏସିରେ ଆମର ମୁତୟନ ସନ୍ତୁଳିତ ଓ ମଜବୁତ ରହିଛି। ଆମେ କୌଣସି ସ୍ଥିତିର ମୁକାବିଲା ପାଇଁ ଭାବରେ ଭାବରେ ପ୍ରସ୍ତୁତ ଅଛି। ଉତ୍ତର ସୀମା ପାଇଁ ଏକ ଫୋକସ୍ କ୍ଷମତା ବିକାଶ ଯୁଦ୍ଧ-ଲଢିବାର ପ୍ରଣାଳୀରେ ଟେକ୍ନୋଲୋଜିର ସଞ୍ଚାରକୁ ସକ୍ଷମ କରାଯାଇଛି। ସେଭଳି ସେନା ଜମ୍ମୁର ଅଖନୁର ସେକ୍ଟରରେ ଆତଙ୍କବାଦୀଙ୍କ ସନ୍ଦିଗ୍ଧ ଗତିବିଧିର ସୂଚନା ମିଳିବା ପରେ ତଲାସୀ ଅଭିଯାନ ଆରମ୍ଭ କରିଛି। ରବିବାର ଡ୍ରୋନ୍ ଏବଂ ଅନ୍ୟ ଉପକରଣର ସାହାଯ୍ୟ ନିଆଯାଇଥିଲା।

# ଭାରତ-ନେପାଳ ମଧ୍ୟରେ ବାଧାମୁକ୍ତ ବାଣିଜ୍ୟ କାରବାର

ନୂଆଦିଲ୍ଲୀ,୧୨।୧(ଏଜେନ୍ସି): ବେଆଇନ ବାଣିଜ୍ୟ କାରବାର ମୁକାବିଲା ପାଇଁ ବାଣିଜ୍ୟ, ଟ୍ରାଞ୍ଜିଟ୍ ଏବଂ ସହଯୋଗ ଉପରେ ଭାରତ-ନେପାଳ ଆନ୍ତଃସରକାରୀ କମିଟି (ଆଇଜିସି) ବୈଠକ ଜାନୁଆରୀ ୧୦ ଏବଂ ୧୧ ଦୁଇ ଦିନ ଧରି କାଠମାଣ୍ଡୁରେ ଅନୁଷ୍ଠିତ ହୋଇଯାଇଛି।

ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ସଚିବ ଶ୍ରୀ ସୁନୀଲ ବର୍ଥୱାଲ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ, ଯେଉଁଥିରେ ବିଭିନ୍ନ ମନ୍ତ୍ରଣାଳୟ ଓ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ନେପାଳୀ ପକ୍ଷର ନେତୃତ୍ୱ ନେଇଥିଲେ ନେପାଳ ସରକାରଙ୍କ ଶିଳ୍ପ, ବାଣିଜ୍ୟ ଏବଂ ଯୋଗାଣ ମନ୍ତ୍ରଣାଳୟ ସଚିବ ଶ୍ରୀ ଗୋବିନ୍ଦ ବାହାଦୂର କର୍କି। ତାଙ୍କ ସହିତ ବିଭିନ୍ନ ନେପାଳୀ ମନ୍ତ୍ରଣାଳୟ ଏବଂ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ଦ୍ୱିପାକ୍ଷିକ ବ୍ୟବସ୍ଥା ଆଇଜିସିର ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଆର୍ôଥିକ ସମ୍ପର୍କର ବ୍ୟାପକ ସମୀକ୍ଷା କରାଯାଇଥିଲା। ଉଭୟ ପକ୍ଷ ପାରସ୍ପରିକ ବଜାର ପ୍ରବେଶ ପ୍ରସଙ୍ଗ, ଆଇପିଆର ଏବଂ ଶୁଳ୍କ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟ ପ୍ରସଙ୍ଗରେ ଟ୍ରାଞ୍ଜିଟ୍ ଚୁକ୍ତି ଏବଂ ବାଣିଜ୍ୟ ଚୁକ୍ତିର ସମୀକ୍ଷା, ବିଦ୍ୟମାନ ଚୁକ୍ତିନାମାରେ ପ୍ରସ୍ତାବିତ ସଂଶୋଧନ, ମାନର ସମନ୍ୱୟ ଏବଂ ରକ୍ସୌଲ-ବୀରଗଞ୍ଜ ରେଳ ଲାଇନର ବିଦ୍ୟୁତକରଣ ସମେତ ବାଣିଜ୍ୟ ଭିତ୍ତିଭୂମିର ସମନ୍ୱିତ ବିକାଶ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଭାରତୀୟ ପକ୍ଷ ସୂଚନା ଦେଇଥିଲେ ଯେ ୨ ଲକ୍ଷ ମେଟ୍ରିକ ଟନ ଗହମ ଯୋଗାଣ ପାଇଁ ନେପାଳର ଅନୁରୋଧକୁ ଗ୍ରହଣ କରାଯାଇଛି। ନେପାଳକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବାରେ ନିରନ୍ତର ସମର୍ଥନ ପାଇଁ ନେପାଳୀ ପକ୍ଷ ଭାରତୀୟ ପକ୍ଷକୁ ପ୍ରଶଂସା କରିଥିଲେ।ନେପାଳ ପକ୍ଷର ଅନୁରୋଧ କ୍ରମେ, ଭାରତୀୟ ପକ୍ଷ ସହମତ ହୋଇଥିଲେ ଯେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ପ୍ରଚଳିତ ନିୟମାବଳୀ ଅନୁଯାୟୀ, ଭାୟା ଫୁଲବାରୀ (ଭାରତ) ମାର୍ଗ ଦେଇ କାକରଭିଟ୍ଟା (ନେପାଳ)-ବାଂଲାବନ୍ଧ (ବାଂଲାଦେଶ)ରେ କାର୍ଗୋ-ଇନ୍-ଟ୍ରାନଜିଟ୍ ସମ୍ବନ୍ଧରେ ଦୁଇଟି ଏକ୍ସଲ୍ ଯାନ ପାଇଁ ସର୍ବାଧିକ ଏକ୍ସଲ୍ ଓଜନ ୧୮.୫ ଟନ୍ ଏବଂ ତିନୋଟି ଏକ୍ସଲ୍ ଯାନ ପାଇଁ ୨୮ ଟନ୍ ଓଜନ ନେପାଳୀ ଯାନ କ୍ଷେତ୍ରରେ ଲାଗୁ ହେବ। ନେପାଳୀ ପକ୍ଷର ଅନୁରୋଧର ଜବାବରେ ଭାରତୀୟ ପକ୍ଷ ସୂଚନା ଦେଇଛନ୍ତି ଯେ ସାଲ ସିଡ୍ସ ଏବଂ ଚାୟୋଟେକୁ ଭାରତର ପ୍ଲାଣ୍ଟ କ୍ୱାରାଣ୍ଟାଇନ୍ ଅର୍ଡରରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରକ୍ରିୟାକୃତ ସାମଗ୍ରୀ (ଉଦ୍ଭିଦ ଉତ୍ପାଦ) ତାଲିକାରେ ଜଟାମାସି-ମୂଳ ସାର; ସୁଗନ୍ଧ କୋକିଲା ବେରି ସାର; ସୁଗନ୍ଧୱାଲ ରାଇଜୋମ ସାର ଏବଂ ଟିମୁର ବେରି ସାର ପାଇଁ ଅନୁରୋଧ ମଧ୍ୟ ଗ୍ରହଣ କରାଯାଇଛି।

ଭାରତୀୟ ପକ୍ଷର ଅନୁରୋଧ କ୍ରମେ, ନେପାଳୀ ପକ୍ଷ ସେମାନଙ୍କ ବୈଷୟିକ ବ୍ୟବସ୍ଥାରେ ଏପାକ୍ସୁ ଏବଂ ପଲିହାଇଡ୍ ୨୮ ପରି ଉତ୍ପାଦଗୁଡ଼ିକର ପୁନଃବର୍ଗୀକରଣ ସମ୍ବନ୍ଧୀୟ ଡକ୍ୟୁମେଣ୍ଟେସନ୍ ସମୀକ୍ଷା କରିବାକୁ ଖୋଲାଖୋଲି ପ୍ରକାଶ କରିଥିଲେ। ନେପାଳକୁ ଦୁଗ୍ଧ ରପ୍ତାନୀ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଭାରତୀୟ ପକ୍ଷ ଆଲୋକପାତ କରିଥିଲେ। ନେପାଳରେ ପର୍ଯ୍ୟାପ୍ତ ଭାବରେ ଉତ୍ପାଦିତ ଦୁଗ୍ଧ ଉତ୍ପାଦ ଯେପରିକି ହ୍ୱେ ଏବଂ ଚିଜ୍ ସଂକ୍ରାନ୍ତରେ ଭାରତର ଅନୁରୋଧକୁ ବିଚାର କରିବା ଲାଗି ନେପାଳୀ ପକ୍ଷ ରାଜି ହୋଇଥିଲେ।

ନୂତନ ସମନ୍ୱିତ ଚେକ ପୋଷ୍ଟ ଏବଂ ରେଳ ସଂଯୋଗ ନିର୍ମାଣ ସହିତ ଭାରତ ଏବଂ ନେପାଳ ମଧ୍ୟରେ ବାଧାମୁକ୍ତ ସୀମା-ପାର ସଂଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦ୍ୱିପାକ୍ଷିକ ପଦକ୍ଷେପକୁ ଏହି ବୈଠକରେ ସ୍ୱାଗତ କରାଯାଇଥିଲା। ସମୃଦ୍ଧ ଦ୍ୱିପାକ୍ଷିକ ବାଣିଜ୍ୟର ସହଭାଗୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରି ଉଭୟ ପକ୍ଷ ଦ୍ୱିପାକ୍ଷିକ ସଂଯୋଗକୁ ଆଗକୁ ନେବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ନେପାଳ ଏବଂ ଏସଏଏଫଟିଏ ସହିତ ଅନ୍ଲାଇନ ସିଓଓର ସ୍ୱୀକୃତି ଉପରେ ଆଲୋଚନା ପାଇଁ ଏକ ମିଳିତ କାର୍ଯ୍ୟ ଗୋଷ୍ଠୀ ଗଠନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

ଯୁଗ୍ମ ସଚିବ ସ୍ତରରେ ବେଆଇନ ବାଣିଜ୍ୟ କାରବାର ମୁକାବିଲା ପାଇଁ ବାଣିଜ୍ୟ, ପରିବହନ ଏବଂ ସହଯୋଗ ଉପରେ ଆନ୍ତଃ-ସରକାରୀ ଉପ-କମିଟି (ଆଇଜିଏସସି)ର ଏକ ବୈଠକ ପୂର୍ବରୁ କାଠମାଣ୍ଡୁରେ ଅନୁଷ୍ଠିତ ହୋଇଥିଲା।

୨୦୨୫ ମସିହା ଜାନୁଆରୀ ୧୧ ତାରିଖରେ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସି.ଆଇ.ଆଇ.) ଏବଂ ଫେଡେରେସନ୍ ଅଫ୍ ନେପାଳୀ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍.ଏନ୍.ସି.ସି.ଆଇ.) ଦ୍ୱାରା ଏହି ଯୁଗ୍ମ ବ୍ୟବସାୟିକ ଫୋରମର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଥିଲା। ଇଣ୍ଡିଆନ ଅଏଲ କର୍ପୋରେସନର ନିର୍ଦ୍ଦେଶକ (ପାଇପଲାଇନ, ଯୋଜନା ଏବଂ ବ୍ୟବସାୟ ବିକାଶ) ଶ୍ରୀ ଏନ. ସେନ୍ଥିଲ କୁମାର ଏବଂ ନେପାଳ ନିବେଶ ବୋର୍ଡର ସଦସ୍ୟ ସୁଶ୍ରୀ ଭବାନୀ ରାଣା ଏହାର ସହ-ଅଧ୍ୟକ୍ଷତା କରିଥିଲେ। ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ପରିପ୍ରେକ୍ଷୀରେ ବ୍ୟବସାୟିକ ସୁଗମତାରେ ଉନ୍ନତି ଆଣିବା ଲାଗି ଜେ.ବି.ଏଫ୍. ଉଭୟ ପକ୍ଷର ବ୍ୟବସାୟୀମାନଙ୍କୁ ସେମାନଙ୍କ ପରାମର୍ଶ ଦେବା ନିମନ୍ତେ ସୁଯୋଗ ପ୍ରଦାନ କରିଥିଲା।

ଉଭୟ ନେପାଳୀ ଆମଦାନୀ ଏବଂ ରପ୍ତାନୀରେ ଉଲ୍ଲେଖନୀୟ ଯୋଗଦାନ ଦେଇ ଭାରତ ନେପାଳର ସର୍ବବୃହତ ବାଣିଜ୍ୟ ଏବଂ ନିବେଶ ଅଂଶୀଦାର ହୋଇ ରହିଛି। ଆଇ.ଜି.ସି.ରେ ଆଲୋଚନା ଦ୍ୱାରା ଦୁଇ ଦେଶ ମଧ୍ୟରେ ଆର୍ôଥିକ ଏବଂ ବାଣିଜ୍ୟିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

# ମହିଳାମାନଙ୍କୁ ହିନ୍ଦୀ ଶୋଭା ପାଏ, ପୁରୁଷମାନଙ୍କୁ ନୁହେଁ

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** ମହିଳାମାନଙ୍କୁ ହିନ୍ଦୀ ଶୋଭା ପାଏ, ପୁରୁଷମାନଙ୍କୁ ନୁହେଁ। ଭାରତର ଷ୍ଟାର କ୍ରିକେଟର ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହ ଏଭଳି ବୟାନ ଦେଇ ବିବାଦୀୟ ହୋଇଛନ୍ତି। ଯୋଗରାଜ ହିନ୍ଦୀ ଭାଷାକୁ ଝିଅମାନଙ୍କ ଭାଷା ବୋଲି କହିଛନ୍ତି। ଏକ ସାକ୍ଷାତକାରରେ ଯୋଗରାଜ କହିଛନ୍ତି ଯେ,, ମହିଳାମାନେ ହିନ୍ଦୀ କହିବା ଠିକ୍। କିନ୍ତୁ ପୁରୁଷମାନଙ୍କୁ ପଞ୍ଜାବୀ ଭଳି ଭାଷା କହିବା ଉଚିତ। ଯେତେବେଳେ ଜଣେ ମହିଳା ହିନ୍ଦୀ କୁହନ୍ତି ସେତେବେଳେ ବହୁତ ଭଲ ଲାଗେ।କିନ୍ତୁ ଯେତେବେଳେ ଜଣେ ପୁରୁଷ ହିନ୍ଦୀ କୁହନ୍ତି ସେତେବେଳେ ଜମା ବି ଭଲ ଲାଗେ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ, ମହିଳାମାନେ 'ଘରକୁ ନଷ୍ଟ କରନ୍ତି' ତେଣୁ ସେମାନଙ୍କୁ ଘରର ମୁଖିଆ କରାଯିବା ଉଚିତ୍ ନୁହେଁ। ଯଦି ତୁମେ ତୁମର ସ୍ତ୍ରୀଙ୍କୁ ଘରର କ୍ଷମତା ଦିଅ, ତେବେ ସେ ତୁମର ଘର ନଷ୍ଟ କରିଦେବେ। ମୁଁ ଦୁଃଖିତ ଯେ ଇନ୍ଦିରା ଗାନ୍ଧୀ ଏହି ଦେଶକୁ ଚଳାଇଥିଲେ ଏବଂ ଏହାକୁ ନଷ୍ଟ କରିଦେଇଥିଲେ। ତାଙ୍କୁ ସମ୍ମାନ ଏବଂ ଭଲପାଇବା ଦିଅ, କିନ୍ତୁ କେବେବି କ୍ଷମତା ଦିଅ ନାହିଁ।

# ୧୫ରେ ଭାରତ ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** ଭାରତ-ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କ ୬୦ ବର୍ଷ ପୂରଣ କରିଛି। ଏହି ଉପଲକ୍ଷେ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମାନ ସାନମୁଗରତ୍ନମ ୧୫ରୁ ୧୮ ଯାଏ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ଓଡ଼ିଶା ଉପରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଫୋକସ ରହିବ। ୧୭ ଏବଂ ୧୮ରେ ସାନମୁଗରତ୍ନମ ଓଡ଼ିଶା ଗସ୍ତରେ ଆସିବେ। ଶ୍ରୀ ସାନମୁଗରତ୍ନମଙ୍କ ଗସ୍ତ ଓଡ଼ିଶା ଲାଗି ନିବେଶର ସୁଯୋଗ ଆଣିବ ବୋଲି ଆଶା କରାଯାଉଛି। ଶ୍ରୀ ସାନମୁଗରତ୍ନମଙ୍କ ସହ ସରକାରୀ ପ୍ରତିନିଧି ଏବଂ ବାଣଜ୍ୟିକ ପ୍ରତିନିଧି ଦଳ ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ପ୍ରକଳ୍ପ ସ୍ଥାପନା ଏବଂ ସହଭାଗିତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସୂଚନା ମିଳିଛି। ଏବେ ସିଙ୍ଗାପୁର ଓଡ଼ିଶା ସହ ସ୍କିଲିଂ ସହ ଅନ୍ୟ କିଛି କ୍ଷେତ୍ରରେ ମିଳିତ ହୋଇ କାମ କରୁଛି। ରାଜ୍ୟରେ ରହଣି ସମୟରେ ସେ ଭାରତ ବାୟୋଟେକ ଟିକା ଉତ୍ପାଦନ କେନ୍ଦ୍ର ଗସ୍ତ କରିବେ ଯ ସେହିଭଳି ସିଙ୍ଗାପୁରର ମିଳିତ ସହଭାଗିତାରେ ଭୁବନେଶ୍ୱରରେ ସ୍ଥାପିତ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ସର୍ଭିସେସ(ଆଇଟିଇଏସ୍) ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସିଙ୍ଗାପୁର ଗୁଜରାଟ, ତାମିଲନାଡୁ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ଗୁଡିକ ସହ ବିଶେଷ କରି ବିଭିନ୍ନ କ୍ଷେତ୍ରରେ କାମ କରୁଛି। ଏବେ ସିଙ୍ଗାପୁର ଓଡିଶା ଓ ଆସାମ ଉପରେ ଫୋକସ କରୁଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଓଡ଼ିଶା ଗସ୍ତ ସମୟରେ ୨ଟି ଏମ୍‌ଓୟୁ ହେବାର ବିଶେଷ ସମ୍ଭାବନା ରହିଛି। ସିଙ୍ଗାପୁର ଭାରତର ଏକ ପ୍ରମୁଖ ବାଣିଜ୍ୟିକ ସହଯୋଗୀ ହୋଇଥିବା ବେଳେ ଏହି ଧାରାକୁ ତ୍ୱରାନ୍ୱିତ କରିବା ଲାଗି ଏବେ କାର୍ଯ୍ୟପନ୍ଥା ଜାରି ରଖିଛି। ସେମିକଣ୍ଡକ୍ଟର ଡିଭାଇସ ଏବଂ ଇଣ୍ଟିଗ୍ରେଟେଡ ସର୍କିଟ, ଇଣ୍ଡଷ୍ଟ୍ରିଆଲ ଅଟୋମେଶନ, ସେମିକଣ୍ଡକ୍ଟର ପ୍ରୋସେସ, ଡିଜାଇନ, ଇଞ୍ଜିନିୟରିଂ ଭଳି ଅନ୍ୟ କିଛି କ୍ଷେତ୍ର ଉପରେ ଏବେ ଫୋକସ କରିଛି ସିଙ୍ଗାପୁର। ଏହା ସହ ବିମାନ ଚଳାଚଳକୁ ଆହୁରି ଦୃଢ କରିବା ଉପରେ ମଧ୍ୟ ଆଲୋଚନା ହେବ। ସେମିକଣ୍ଡକ୍ଟର ଲାଗି ଏକ ତାଲିମ କେନ୍ଦ୍ର ସ୍ଥାପନା ଲାଗି ସିଙ୍ଗାପୁର ଏବେ ଅଗ୍ରସର ହେଉଛି। ସେହିଭଳି ଲିଥିୟମ ଆୟନ ବ୍ୟାଟେରୀ ଭଳି କ୍ରିଟିକାଲ ଟେକ୍ନୋଲୋଜି ଏବଂ କ୍ରିଟିକାଲ ମିନେରାଲ କ୍ଷେତ୍ରରେ ମଧ୍ୟ ମିଳିତ ହୋଇ ଘରୋଇ ବଜାର ସହ କାମ ହେବ ବୋଲି କହିଛନ୍ତି ଅଧିକାରୀ। ୧୫ ଏବଂ ୧୬ରେ ଦିଲ୍ଲୀରେ ରହଣି ସମୟରେ ସାନମୁଗରତ୍ନମଙ୍କୁ ସମ୍ମାନଜନକ ତରୁଣ ଦାସ ସିଟିଜେନ ଆୱାର୍ଡ ପ୍ରଦାନ କରାଯିବ। ସିଆଇଆଇର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀ ଦାସଙ୍କ ନାମରେ ଏହି ଆୱାର୍ଡ ପ୍ରଦାନ କରାଯାଉଛି। ଭାରତ ସିଙ୍ଗାପୁର ଦ୍ୱିପାକ୍ଷୀକ ସମ୍ପର୍କ ଦୃଢୀକରଣ କ୍ଷେତ୍ରରେ ଶ୍ରୀ ସାନମୁଗରତ୍ନମଙ୍କ ଉଲ୍ଲେଖନୀୟ ଯୋଗଦାନ ଲାଗି ଏଭଳି ପୁରସ୍କାର ପ୍ରଦାନ କରାଯାଉଛି।

# ରଷିଆକୁ ସୈନ୍ୟ ଦେଇଛନ୍ତି କିମ୍

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** ଥମିବାରେ ନା ନେଉନି ୟୁକ୍ରେନ-ରଷିଆ ଯୁଦ୍ଧ। ପାଖାପାଖି ୩ ବର୍ଷ ହେବ ଉଭୟ ଦେଶ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିଛି। ଏହାରି ଭିତରେ ରଷିଆକୁ ସାହାଯ୍ୟ କରୁଛି ଉତ୍ତର କୋରିଆ। ଖାଲି ସାହାଯ୍ୟ କରୁଛି ତାହା ନୁହେଁ ବରଂ ସୈନ୍ୟ ପଠାଇଛି। ଏବେ କିନ୍ତୁ କିମ୍ ଜୋନଙ୍କ ଏକ ଚିଠି ୟୁକ୍ରେନର ଚିନ୍ତା ବଢାଇ ଦେଇଛି। କାରଣ କିମ୍ ନିଜର ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଯାହା ବି ହେଉ ୟୁକ୍ରେନ ସୈନ୍ୟ ସାମ୍ନାରେ ମୁଣ୍ଡ ନୂଆଁଇବ ନାହିଁ। ଦରକାର ପଡ଼ିଲେ ନିଜ ଜୀବନ ଦେଇଦିଅ କିନ୍ତୁ ଯନ୍ତ୍ରଣା ଭୋଗିବାକୁ ଆଦୌ ୟୁକ୍ରେନ୍ ସୈନ୍ୟଙ୍କ ହାତରେ ଧରାପଡନାହିଁ। କିମ୍‌ଙ୍କ ଏହି ଟିପ୍ପଣୀ ପରେ ପୁରା ବିଶ୍ୱରେ ଚର୍ଚ୍ଚା ଚାଲିଛି କି, ୟୁକ୍ରେନ ସହ ପରୋକ୍ଷରେ ନୁହେଁ ବରଂ ପ୍ରତ୍ୟକ୍ଷରେ ଯୁଦ୍ଧ କରୁଛି ଉତ୍ତର କୋରିଆ। ରଷିଆକୁ ସାହାଯ୍ୟ କରୁଛି ଉତ୍ତର କୋରିଆ। ଯୁଦ୍ଧ ହେବା ଦିନରୁ ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଯୁଦ୍ଧ ବନ୍ଦ କରିବାକୁ ଅନେକ ଦେଶ ଅପିଲ କରିବା ପରେ ବି ପୁଟିନ୍ କି ଜେଲେନ୍ସ୍କି କିଛି ଶୁଣିବା ପରିସ୍ଥିତିରେ ନାହାନ୍ତି। ସେଇଥି ଲାଗି ଉଭୟ ଦେଶ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି। ପୂର୍ବରୁ ୟୁକ୍ରେନ୍ ସୈନ୍ୟ ଉତ୍ତର କୋରିଆର ଅନେକ ସୈନ୍ୟଙ୍କୁ ପଣବନ୍ଦୀ କରିଥିବାର ଖବର ବି ସାମ୍ନାକୁ ଆସିଥିଲା। ଏବେ ପୁଣି ଥରେ ପଣବନ୍ଦୀ ପରିସ୍ଥିତିକୁ ଏଡ଼ାଇବା ଲାଗି କିମ୍ ନିଜ ସୈନ୍ୟଙ୍କୁ ଏମିତି କଡ଼ା ସନ୍ଦେଶ ପଠାଇଥିବା କୁହାଯାଉଛି। ଖାଲି ଏତିକି ନହେଁ ବରଂ ନିଜ ସୈନ୍ୟଙ୍କୁ ଫେରାଇ ଆଣିବାକୁ କିମ୍ ରଷିଆ ପାଖରେ ଜୋରଦାର ଦାବି ବି କରିଛନ୍ତି। ରଷିଆ-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ କେମିତି ଉତ୍ତରକୋରିଆ ସୈନ୍ୟ ପଠାଉଛି ସେନେଇ ଗୁମର ଖୋଲିଛନ୍ତି ଦକ୍ଷିଣ କୋରିଆର ଜଣେ ସାଂସଦ। କହିଛନ୍ତି, କିମ୍ ନିଜ ସୈନ୍ୟଙ୍କୁ କହିଛନ୍ତି ଯେବେ ଜାଣିବ କି ତୁମେ ୟୁକ୍ରେନ୍ ସେନା ପଣବନ୍ଦୀ ହେବାକୁ ଯାଉଛ ସେହି ସମୟରେ ନିଜକୁ ମାରିଦେବ ଅର୍ଥାତ୍ ନିଜକୁ ନିଜେ ଗୁଳି ମାରିଦେବ। ଅବଶ୍ୟ ଏନେଇ ଉତ୍ତର କୋରିଆ ପକ୍ଷରୁ କୌଣସି ସ୍ୱଷ୍ଟତା ମିଳିନାହିଁ କିନ୍ତୁ କିମ୍‌ଙ୍କ ସୈନ୍ୟଙ୍କ ମୃତଶରୀର ଦେଖିଲେ ଏମିତି କିଛି ଚିନ୍ତା କରାଯାଇପାରେ ବୋଲି ଦକ୍ଷିଣ କୋରିଆ ସାଂସଦ କହିଛନ୍ତି। ରଷିଆ-ୟୁକ୍ରେନ୍ ଯୁଦ୍ଧ ଭିତରେ ରଷିଆକୁ ପ୍ରାୟ ୩ ହଜାର ସୈନିକ ପଠାଇଛନ୍ତି କିମ୍। ହେଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୩ ଶହ ସୈନିକଙ୍କର ମୃତ୍ୟୁ ହୋଇସାରିଛି ଏବଂ ୨୭ ଶହ ସୈନିକ ଗୁରୁତର ଆହତ ହୋଇଛନ୍ତି। ହେଲେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି କି, ରଷିଆର ଡ୍ରୋନ୍ ଟେକ୍ନଲୋଜି ପାଇଁ କିମ୍ ୧୦ ହଜାର ସୈନ୍ୟ ଯୁଦ୍ଧ ଲାଗି ପଠାଇଥିଲେ। ସେପଟେ ଜେଲେନସ୍କି କହିଛନ୍ତି, ଆମ ସୈନ୍ୟ ଯେଉଁ ଆକ୍ରମଣକାରୀ ସୈନ୍ୟଙ୍କୁ ଧରିଛନ୍ତି ସେମାନଙ୍କୁ ପଚରାଉଚରାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ସାମ୍ନାକୁ ଆସିଛି। କୁହାଯାଉଛି ଯୁଦ୍ଧ କ୍ଷେତ୍ରରେ ପ୍ରାୟ ୨୭ ଶହ ସୈନ୍ୟ ଗୁରୁତର ଆହତ ହୋଇଛନ୍ତି। ୩ ହଜାର ନୁହେଁ ବରଂ ଆହୁରି ଅଧିକ ସୈନ୍ୟ ଗୁରୁତର ଆହତ ବି ହୋଇଛନ୍ତି। ହେଲେ କିମ୍‌ଙ୍କ କଡ଼ା ନିର୍ଦ୍ଦେଶ ରହିଛି, ଧରାପଡ଼ିବା ପୂର୍ବରୁ ନିଜକୁ ମାରିଦିଅ। ଯାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗୋଟିଏ ପଟେ ଯୁଦ୍ଧ ରୋକିବାକୁ ଆମେରିକା ଚେଷ୍ଟା କରୁଥିବା ବେଳେ ଉତ୍ତର କୋରିଆ ଯେଉଁପରି ଭାବରେ ଯୁଦ୍ଧ ମୈଦାନକୁ ଓହ୍ଲାଉଛି ସେଥିରୁ ଗୋଟିଏ କଥା ସ୍ୱଷ୍ଟ ହେଉଛି ରଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ମୁହାଁମୁହିଁ ହୋଇପାରନ୍ତି ଆମେରିକା-ଉତ୍ତର କୋରିଆ। ସେପଟେ ଟ୍ରମ୍ପଙ୍କ ଶପଥଗ୍ରହଣ ଉତ୍ସବ ୨୦ ତାରିଖରେ ରହିଛି। ଏହାପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ହେବା ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ଅବଶ୍ୟ ଏନେଇ ଆମେରିକା କି ଉତ୍ତରକୋରିଆ ସରକାରୀ ଭାବରେ କିଛି ପ୍ରତିକ୍ରିୟା ରଖିନାହାନ୍ତି।

# ଚାମ୍ପିଅନସ ଟ୍ରଫି ପାଇଁ ଅଷ୍ଟ୍ରେଲିଆ, ଦ.ଆଫ୍ରିକା ଦଳ

ଦୁବାଇ,୧୩।୧: ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାଇଁ ଆରମ୍ଭ ହେଲାଣି କାଉଣ୍ଟଡାଉନ୍ ୮ ବର୍ଷ ପରେ ଫେରିଥିବା ଏହି ହାଇ ପ୍ରୋଫାଇଲ୍ ଆଇସିସି ଟୁର୍ଣ୍ଣାମେଣ୍ଟ ପାଇଁ ଗୋଟିଏ ପରେ ଗୋଟିଏ ଦେଶ ଏହାର ସ୍କ୍ୱାଡ ଘୋଷଣା କରୁଛନ୍ତି। ଏହି କ୍ରମରେ ଆଜି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫି ଲାଗି ଏମାନଙ୍କର ସ୍କ୍ୱାଡ ଘୋଷଣା କରିଛନ୍ତି। କଙ୍ଗାରୁ ଦଳର କମାଣ ପ୍ୟାଟ୍ କମିନ୍ସଙ୍କ କାନ୍ଧରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ପୁଣିଥରେ ଟେମ୍ବା ବାଭୁମାଙ୍କୁ ଏହାର ଅଧିନାୟକ ନିଯୁକ୍ତ କରିଛି ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସବୁ ରାଷ୍ଟ୍ରର କ୍ରିକେଟ ବୋର୍ଡକୁ ଜାନୁଆରୀ ୧୯ ଭିତରେ ସେମାନଙ୍କର ପ୍ରାରମ୍ଭିକ ଦଳ ଘୋଷଣା କରିବାକୁ ଆଇସିସି ନିର୍ଦ୍ଦେଶ ରହିଛି ଏହି କ୍ରମରେ ଆଜି କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲି ସେମାନଙ୍କର ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି। ଆହତ ସମସ୍ୟା କାରଣରୁ ଦଳରୁ






ବାହାରେ ଥିବା ଦୁଇ ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ଜୋଶ ହାଜଲେଉଡଙ୍କ ନାଁ ମଧ୍ୟ ସ୍କ୍ୱାଡରେ ରହିଛି।

ଭାରତ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫିରେ ଦମଦାର ବିଜୟ ପରଠାରୁ ଅଧିନାୟକ କମିନ୍ସ ପରିବାର ସହ ଛୁଟି କାଟୁଛନ୍ତି ଏପରିକି ସେ ଆହତ ଥିବା ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଘୋଷଣା କରାଯାଇଥିଲା ସେହିଭଳି ଆହତ କାରଣରୁ ଦଳର ଅନ୍ୟତମ ପ୍ରମୁଖ ବୋଲର ହାଜଲେଉଡ ମଧ୍ୟ ଭାରତ ବିପକ୍ଷରେ ସବୁ ମ୍ୟାଚ୍ ଖେଳିପାରିନଥିଲେ। ଘରୋଇ ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ ଦେଇଥିବା ମ୍ୟାଟ୍ ଶର୍ଟ ଓ ଆରୋନ ହାର୍ଡିଙ୍କୁ ମଧ୍ୟ ମିଳିଛି ମେଡେନ କଲ୍।ସେହିଭଳି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ମଧ୍ୟ ଆଜି(ସୋମବାର) ୧୫ ଜଣିଆ। ପ୍ରାରମ୍ଭିକ ସ୍କ୍ୱାଡ ଘୋଷଣା କରିଛି। ଟେମ୍ବା ବାଭୁମାଙ୍କ କାନ୍ଧରେ ରହିଛି ଅଧିନାୟକ ଭାର ହେନରିଚ କ୍ଲାସେନ, ଡେଭିଡ ମିଲର ଓ ରସି ଭାନ୍-ଡେର୍ ଡସେନଙ୍କ ଭଳି ଦକ୍ଷ ବ୍ୟାଟର ବ୍ୟାଟିଂ କ୍ରମର ନେତୃତ୍ୱ ନେବେ ସେହିଭଳି ଦୁଇ ଅଭିଜ୍ଞ ଦ୍ରୁତ ବୋଲର କାଗିସୋ ରାବାଡା ଓ ଅନରିଚ୍ ନୋର୍କିଆ। ବୋଲିଂ ବିଭାଗର ନେତୃତ୍ୱ ନେବେ। ନୋର୍କିଆ ଆ ତ କାରଣରୁ ୨୦୨୩ ଦିନିକିଆ। ବିଶ୍ୱକପ୍ ଖେଳିପାରିନଥିଲେ ଏହି ବିଶ୍ୱକପରେ ଅଷ୍ଟ୍ରେଲିଆଠାରୁ ସେମିଫାଇନାଲରେ ପରାଜୟର ସାମ୍ନା କରିଥିଲା ଦକ୍ଷିଣ ଆଫ୍ରିକା ଏହା ବ୍ୟତୀତ ଦଳରେ ଟୋନୀ ଡି ଜୋର୍ଜି, ରିଆନ ରିକେଲଟନ, ଟ୍ରିଷ୍ଟନ ଷ୍ଟବ୍ସଙ୍କ ଭଳି ଅଲରାଉଣ୍ଡର ପ୍ରଥମ ଥର ପାଇଁ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସୁଯୋଗ ପାଇବେ ।

ଦକ୍ଷିଣ ଆଫ୍ରିକା ସ୍କ୍ୱାଡ:

ଟେମ୍ବା ବାଭୁମା (ଅଧିନାୟକ), ଟୋନୀ ଡି ଜୋର୍ଜି, ମାର୍କୋ ଜାନସେନ, ହେନରିଚ କ୍ଲାସେନ, କେଶବ ମହାରାଜ, ଆଡେନ ମାରକ୍ରମ, ଡେଭିଡ ମିଲର,ୱିଆନ ମଲ୍ଡର, ଲୁଙ୍ଗି ଏନଗିଡି, ଅନରିଚ ନୋର୍କିଆ, କାଗିସୋ ରାବାଡା, ରିଆନ ରିକେଲଟନ, ତବ୍ରାଏଜ ଶାମ୍ସି, ଟ୍ରିଷ୍ଟନ ଷ୍ଟବ୍ସ ଓ ରସି ଭାନ-ଡେର ଡସେନ

ଅଷ୍ଟ୍ରେଲିଆ। ସ୍କ୍ୱାଡ:

ପ୍ୟାଟ କମିନ୍ସ (ଅଧିନାୟକ), ଆଲେକ୍ସ କ୍ୟାରୀ, ନାଥନ ଏଲିସ, ଆରୋନ ହାର୍ଡି, ଜୋଶ ହାଜଲେଉଡ, ଟ୍ରାଭିସ ହେଡ, ଜୋଶ ଇଂଲିସ, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମ୍ୟାଟ୍ ଶର୍ଟ, ଷ୍ଟେଭ ସ୍ମିଥ. ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ଆଡମ ଜାମ୍ପା।

# ନୂଆ ଅଧିନାୟକ ଖୋଜ : ରୋହିତ

ମୁମ୍ବାଇ: ଅଷ୍ଟ୍ରେଲିଆରେ ଭାରତୀୟ ଦଳର ଦୁର୍ବଳ ପ୍ରଦର୍ଶନର ସମୀକ୍ଷା ବିସିସିଆଇ ପକ୍ଷରୁ ଶନିବାର କରାଯାଇଛି ଏହି ଅତି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସହ ବିସିସିଆଇର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ ଏହି ଅବସରରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ଦଳର ଦୋଷ, ଦୁର୍ବଳତା ଓ ଆବଶ୍ୟକତା ସହ ବ୍ୟକ୍ତିଗତ ଲକ୍ଷ୍ୟ ନେଇ ବିସ୍ତୃତ ଓ ଖୋଲାଖୋଲି ଆଲୋଚନା କରିଥିଲେ ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀରଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଆଉ କିଛି ମାସ ଦଳର ଅଧିନାୟକ




ରହିବାକୁ ରୋହିତ ଇଚ୍ଛା ପ୍ରକାଶ କରିଥିବା ଜଣାପଡ଼ିଛି ତେବେ ଏବେଠାରୁ ନୂଆ। ଅଧିନାୟକ ଖୋଜା ଆରମ୍ଭ କରିଦେବାକୁ ରୋହିତ ବୋର୍ଡ ଅଧିକାରୀଙ୍କୁ ସଙ୍କେତ ଦେଇଛନ୍ତି ଦ୍ରୁତ ବୋଲର୍ ଯଶପ୍ରୀ ବୁମ୍ରାଙ୍କୁ ରୋହିତଙ୍କ ଉତ୍ତରାଧିକାରୀ ଭାବେ ବାଛିବାକୁ କିଛି ଅଧିକାରୀ କହିଥିଲେ ମଧ୍ୟ ଅନ୍ୟ ଅଧିକାରୀମାନେ ଏଥିରେ ରାଜି ହୋଇ ନଥିଲେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଯଦିଓ ରୋହିତ ଟେଷ୍ଟ୍ ଦଳର ଅଧିନାୟକ ପଦ ଛାଡ଼ିବାକୁ ଏକପ୍ରକାର ନୀତିଗତ ନିଷ୍ପତ୍ତି ନେଇ ସାରିଛନ୍ତି ହେଲେ ଦିନିକିଆ। ଅଧିନାୟକ ପଦରେ ରହିବାକୁ ଚାହୁଁଛନ୍ତି ସୂଚନାଯୋଗ୍ୟ ଯେ ଭାରତ ଚଳିତମାସ ୨୨ ତାରିଖରୁ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଖେଳିବା ପରେ ତିନି ଟିକିଆ। ଦିନିକିଆ। ଶୃଙ୍ଖଳା ଖେଳିବ ଏହା ପରେ ଦିନିକିଆ। ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଦୁବାଇ ଯିବ।

ସିଡ୍‌ନି ଟେଷ୍ଟ୍‌ରୁ ଓହରିବା ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଏବଂ ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀରଙ୍କ ମଧ୍ୟରେ ତାଙ୍କ ଅବସର ନେଇ ଚର୍ଚ୍ଚା ହୋଇଥିଲା ଏହି ଟେଷ୍ଟ୍ ତାଙ୍କର ଶେଷ ଟେଷ୍ଟ୍ ହେବ ବୋଲି ମଧ୍ୟ ରୋହିତ ଡ୍ରେସିଂ ରୁମ୍‌ରେ ଏକପ୍ରକାର ସ୍ପଷ୍ଟ କରି ଦେଇଥିଲେ ହେଲେ ପରବର୍ତ୍ତୀ ସାକ୍ଷାତକାରରେ ନିଜ ସ୍ୱର ବଦଳାଇ ଦେଇଥିଲେ ଦଳର ଆବଶ୍ୟକତା ଦୃଷ୍ଟିରୁ କେବଳ ସିଡ୍‌ନି ଟେଷ୍ଟ୍‌ରୁ ଦୂରେଇଛି, ଅବସର ନେଇନି କିମ୍ବା କୁଆଡ଼େ ଯାଉନି ବୋଲି କହିଥିଲେ ସେ ଯାହା ଗମ୍ଭୀରଙ୍କୁ ବିସ୍ମିତ କରିଥିଲା ରୋହିତଙ୍କ ଏଭଳି ୟୁ-ଟର୍ଣ୍ଣ ତାଙ୍କୁ ବ୍ୟଥିତ କରିଥିଲା ଏହି କଥା ଶନିବାରର ବିସିସିଆଇ ବୈଠକରେ ମଧ୍ୟ ଚର୍ଚ୍ଚା ହୋଇଥିବା ଜଣାପଡ଼ିଛି ଶୁଭେଚ୍ଛୁଙ୍କ ପରାମର୍ଶ ପରେ ସେ ଅବସର ନିଷ୍ପତ୍ତି ବଦଳାଇଥିଲେ ବୋଲି ରୋହିତ ବିସିସିଆଇ ଅଧିକାରୀଙ୍କୁ ବୁଝାଇଥିବା କୁହାଯାଉଛି।

## ରୋହିତ ବିଶ୍ୱର ଶ୍ରେଷ୍ଠ କ୍ରିକେଟର

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ଷ୍ଟାର ଅଲରାଉଣ୍ଡର ଯୁବରାଜ ସିଂହ ନିଜ ପସନ୍ଦର କ୍ରିକେଟରଙ୍କୁ ବାଛିଛନ୍ତି, ଯାହାଙ୍କୁ ସେ ମହାନ ଅଧିନାୟକ ବୋଲି କହିଛନ୍ତି ବିଶ୍ୱରେ ଥିବା ଅନେକ ବଡ଼ ବଡ଼ କ୍ରିକେଟରଙ୍କୁ ଛାଡ଼ି ସେ ଷ୍ଟାର କ୍ରିକେଟର ରୋହିତ ଶର୍ମାଙ୍କୁ 'ମହାନ ଅଧିନାୟକ' ବୋଲି କହିଛନ୍ତି। ଯୁବରାଜଙ୍କ କହିବା ମୁତାବକ, ରୋହିତଙ୍କର ନେତୃ, ଦକ୍ଷତା ଏବଂ ଦଳକୁ ସେ ଯେଉଁଭଳି ଭାବେ ବୁଝନ୍ତି ତାହା ଭାରତୀୟ କ୍ରିକେଟ୍ ପାଇଁ ବହୁତ ସ୍ୱତନ୍ତ୍ର ରୋହିତ ଜଣେ ଚମତ୍କାର ଅଧିନାୟକ ପଡ଼ିଆରେ ତାଙ୍କର ରଣନୈତିକ ଚିନ୍ତାଧାରା ଏବଂ ନିଷ୍ପତ୍ତି ନେବାର କ୍ଷମତା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥାଏ ସେ ଖେଳାଳିମାନଙ୍କୁ ମୁକ୍ତ ଭାବରେ ଖେଳିବାର ସୁଯୋଗ ଦିଅନ୍ତି ଏବଂ କ୍ରିକେଟରଙ୍କ ଦକ୍ଷତାକୁ ସଠିକ୍ ଭାବରେ ବ୍ୟବହାର କରନ୍ତି। ସେ ଆହୁରି କହିଛନ୍ତି, ରୋହିତ ଶର୍ମା ତାଙ୍କର ଶାନ୍ତ ସ୍ୱଭାବ ଏବଂ ମ୍ୟାଚ୍ ପରିସ୍ଥିତିକୁ ବୁଝିବାର କ୍ଷମତା ବଳରେ ଭାରତୀୟ ଦଳକୁ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଜିତାଇଛନ୍ତି ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଅନେକ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଛି ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚ ଥର ଆଇପିଏଲ ଜିତିବା ପ୍ରମାଣ କରେ ଯେ ରୋହିତ ଜଣେ ମହାନ ରଣନୀତିକାର ଏବଂ ଖେଳାଳି।

## କ୍ରିକେଟରଙ୍କୁ ବିମାନବନ୍ଦରରେ ଖରାପ ବ୍ୟବହାର କଲେ କର୍ମଚାରୀ

ନୂଆଦିଲ୍ଲୀ,୧୩।୧; କ୍ରିକେଟର ଅଭିଷେକ ଶର୍ମାଙ୍କୁ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜରେ ଖେଳିବା ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି ଏଭଳି ଖୁସି ସମୟରେ ତାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ଅପମାନର ସାମ୍ନା କରିବାକୁ ପଡ଼ିଥିବାର ସେ ଅଭିଯୋଗ କରିଛନ୍ତି।

ଅଭିଷେକ ଭାରତୀୟ ଟିମରେ ଯୋଗ ଦେବା ପୂର୍ବରୁ ଗୋଟିଏ ଦିନର ଛୁଟି ନେଇ କେଣସି ଏକ ସ୍ଥାନକୁ ଯାଉଥିଲେ ଏହି ଯାତ୍ରା ସମୟରେ ତାଙ୍କର ଅନୁଭବ ଭଲ ନଥିବା ନେଇ ଅଭିଷେକ ପ୍ରତିକ୍ରିୟା ଦେଇ କହିଛନ୍ତି। ଅଭିଷେକ ଦିଲ୍ଲୀ ବିମାନବନ୍ଦରରେ ଇଣ୍ଡିଗୋର ଏୟାରଲାଇନ୍ସଙ୍କ କାରଣରୁ ବିମାନ ଯାତ୍ରା କରି ପାରି ନଥିବା ଅଭିଯୋଗ କରିଛନ୍ତି ଅଭିଷେକ ତାଙ୍କର ଏହି ଯାତ୍ରା ବିଷୟରେ ଆଲୋଚନା କରି କହିଛନ୍ତି, ମୋ ସହିତ ଇଣ୍ଡିଗୋର ଷ୍ଟାଫ (କାଉଣ୍ଟର ମ୍ୟାନେଜର ସୁଷ୍ମିତା ମିତ୍ତଲ) ଖୁବ ଖରାପ ବ୍ୟବହାର କରିଥିଲେ ।

ମୁଁ ବିମାନ ଯାତ୍ରା ପାଇଁ ଠିକ କାଉଣ୍ଟରରେ ଠିକ ସମୟରେ ପହଞ୍ଚିଥିଲି। କିନ୍ତୁ ସେ କିଛି କାରଣ ନଥାଇ ମୋତେ ଅନ୍ୟ ଏକ କାଉଣ୍ଟରକୁ ପଠାଇ ଦେଇଥିଲେ। ମୁଁ ସେଠାକୁ ଯିବା ପରେ ମୋତେ କୁହାଗଲା ଚେକଇନ ସମୟ ଶେଷ ହୋଇଯାଇଛି ଏହା କିପରି ହୋଇପାରିବ ? ମୁଁ ତ ଠିକ ସମୟରେ କାଉଣ୍ଟରରେ ପହଞ୍ଚିଥିଲି ବୋଲି ପ୍ରଶ୍ନ କରିବାରୁ କାଉଣ୍ଟର ମ୍ୟାନେଜର ସୁଷ୍ମିତା ମିତ୍ତଲ ମୋତେ ଖରାପ ବ୍ୟବହାର ଦେଖାଇଥିଲେ ତାଙ୍କର ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ।ଏହାରି ଭିତରେ ମୋ ବିମାନ ମିସ ହୋଇଯାଇଥିଲା। ଏହାପରେ ମୁଁ କଣ କରିବି କିଛି ବୁଝି ପାରି ନଥିଲି କାରଣ ମୋ ପାଖରେ ଗୋଟିଏ ଦିନର ଛୁଟିଥିଲା ଯାହାକି କେଣସି କାମରେ ଲାଗି ପାରିଲା ନାହିଁ । ଏୟାରଲାଇନ୍ସରେ ଏମିତି ବି କର୍ମଚାରୀ ଥାଆନ୍ତି ମୁଁ ବିଶ୍ୱାସ କରି ପାରୁ ନାହିଁ ଯେଉଁମାନେ କି ଯାତ୍ରୀଙ୍କ ସହିତ କେମିତି ବ୍ୟବହାର କରାଯିବ ଏହି ସମାନ୍ୟ କଥା ଶିଖି ନାହାନ୍ତି। ୨୪ବର୍ଷର ଅଭିଷେକ ଭାରତ ପାଇଁ ୧୨ଟି ଟି-୨୦ ମ୍ୟାଚ ଖେଳିଛନ୍ତି ଯେଉଁଥିରେ ସେ ୨୩.୭ ଆଭରେଜରେ ୨୫୬ରନ ସଂଗ୍ରହ କରି ପାରିଛନ୍ତି।

# ଜେମିମାଙ୍କ ପ୍ରଥମ ଦିନିକିଆ ଶତକ

ରାଜକୋଟ,୧୩।୧: ମହିଳା ଦିନିକିଆରେ ସର୍ବୋଚ୍ଚ ସ୍କୋର୍ ଏବଂ ଏକ ସର୍ବୋଚ୍ଚ ଭାଗୀଦାରି ରେକର୍ଡ ସହିତ ଭାରତୀୟ ଦଳ ରବିବାର ଆୟର୍ଲାଣ୍ଡ୍ ବିପକ୍ଷ ଦିନିକିଆ। ଶୃଙ୍ଖଳାକୁ ଆଗୁଆ ଜିତି ନେଇଛି। ଜେମିମା ରଡ୍ରିଗ୍ସଙ୍କ ପ୍ରଥମ ଦିନିକିଆ। ଶତକ (୯୧ ବଲ୍‌ରୁ ୧୦୨ ରନ୍, ୧୨ ଚୌକା) ବଳରେ ଭାରତ ରବିବାର ଦ୍ୱିତୀୟ ଦିନିକିଆରେ ଆୟର୍ଲାଣ୍ଡକୁ ୧୧୬ ରନ୍‌ରେ ପରାସ୍ତ କରି ୩ ମ୍ୟାଚ୍ ଶୃଙ୍ଖଳାରେ ୨-୦ରେ ଅପରାଜେୟ ଅଗ୍ରଣୀ ନେଇଛି। ଜେମିମାଙ୍କ ଶତକୀୟ ପାଳି ଛଡ଼ା ପ୍ରଥମ ୩ ବ୍ୟାଟର୍ ସ୍ମୃତି ମନ୍ଧାନା (୫୪ ବଲ୍‌ରୁ ୭୩ ରନ୍), ପ୍ରତୀକ ରାଲ (୬୧ ବଲ୍‌ରୁ ୬୭ ରନ୍), ହର୍ଲିନ୍ ଦେଓଲ (୮୪ ବଲ୍‌ରୁ ୮୯ ରନ୍) ଚମତ୍କାର ଅର୍ଦ୍ଧଶତକ ହାସଲ




କରିଥିଲେ ଭାରତୀୟ ମହିଳା ଦଳ ନିଜ ଦିନିକିଆ। ଇତିହାସରେ ସର୍ବୋଚ୍ଚ ୩୭୦/୫ ସ୍କୋର୍ କରିଥିଲା। ପୂର୍ବ ସର୍ବୋଚ୍ଚ ୩୫୮/୨ (ବନାମ ଆୟର୍ଲାଣ୍ଡ, ୨୦୧୭) ଓ ୩୫୮/୫ (ବନାମ ୱେଷ୍ଟଇଣ୍ଡିଜ୍, ୨୦୨୪) ଦୁଇ ଥର କରିଥିଲା ମାତ୍ର ୯୦ ବଲ୍‌ରୁ ଶତକ ହାସଲ କରି ଜେମିମା ମଧ୍ୟ ଭାରତ ପାଇଁ ଯୁଗ୍ମ ଦ୍ୱିତୀୟ ଦ୍ରୁତତମ ମହିଳା ବ୍ୟାଟର୍ ହୋଇଛନ୍ତି ଗତବର୍ଷ ହର୍ମନପ୍ରୀ କୌର୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୮୭ ବଲ୍‌ରୁ ଏବଂ ୨୦୧୭ରେ ଅଷ୍ଟ୍ରେଲିଆ। ବିପକ୍ଷରେ ୯୦ ବଲ୍‌ରୁ ଶତକ ହାସଲ କରିଥିଲେ।

ଭାରତ ମଧ୍ୟ ତୃତୀୟ ଥର ପାଇଁ ୩୫୦+ ସ୍କୋର୍ କରିଛି ମନ୍ଧାନା ଓ ରାଲ ପ୍ରଥମ ୱିକେଟ୍ ପାଇଁ ଉଠାଇଥିବା ୧୫୬ ରନ୍ ମଧ୍ୟ ଏକ ସର୍ବୋଚ୍ଚ ଭାଗୀଦାରି ରେକର୍ଡ ହୋଇଛି ୫ ପାଳିରେ ଉଭୟ ତୃତୀୟ ଥର ପାଇଁ ଏଭଳି କରିଛନ୍ତି ଭାରତ ପାଳିରେ ମୋଟ ୪୪ ଚେକା ମଧ୍ୟ ଏକ ନୂଆ। ରେକର୍ଡ ହୋଇଛି ଗତମାସରେ ଭଡ଼ୋଦରାଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ମହିଳା ୪୩ ଚେକା ମାରିଥିଲେ। ଭାରତର ଶୀର୍ଷ ୪ ବ୍ୟାଟର୍ ୫୦+ ସ୍କୋର୍ କରିବା ମହିଳା ଦିନିକିଆରେ ସପ୍ତମ ଥର ପାଇଁ ନଜରକୁ ଆସିଛି।୨୦୦୪ରେ ଧାନବାଦରେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଥର ଏଭଳି ସଫଳତା ପାଇଥିଲା। ରବିବାର ଭାରତର ୩୭୦/୫ ଜବାବରେ ଆୟର୍ଲାଣ୍ଡ ୨୫୪/୭ରେ ସୀମିତ ରହିଥିଲା କ୍ରିଷ୍ଟିନା କଲଟର୍ ରେଲି (୮୦)ଙ୍କ ଛଡ଼ା ଅନ୍ୟ କେଣସି ଆଇରିସ୍ ବ୍ୟାଟର୍ ଲଢ଼ି ପାରିନଥିଲେ ଦୀପ୍ତି ଶର୍ମା (୩/୩୭), ପ୍ରିୟା ମିଶ୍ର (୨/୫୩) ପ୍ରଭାବୀ ବୋଲିଂ କରିଥିବାବେଳେ ଟିଟାସ୍ ସାଧୁ ଓ ସାୟଲୀ ସ୍ୱଘାରେ ଗୋଟିଏ ଲେଖାଏଁ ୱିକେଟ୍ ଦଖଲ କରିଥିଲେ। ଜେମିମା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ବୁଧବାର ଶେଷ ଦିନିକିଆ। ଖେଳାଯିବ।

## ଆୟାର ପଞ୍ଜାବ କିଙ୍ଗସର କ୍ୟାପ୍ଟେନ

ମୁମ୍ବାଇ,୧୩।୧: ଆଇପିଏଲ ଫ୍ରାଞ୍ଚାଇଜ ବେଶ ନିଆରା ଢଙ୍ଗରେ ତାର ନୂଆ। କ୍ୟାପ୍ଟେନଙ୍କ ନାଁ ଘୋଷଣା କରିଛି ୨୦୨୫ ବର୍ଷ ଆଇପିଏଲରେ ଦଳର କମାଣ କିଏ ସମ୍ଭାଳିବେ, ସେକଥା ଟିଭି ରିୟଲିଟି ଶୋ ବିଗବସ ମଞ୍ଚରେ ଘୋଷଣା କରାଯାଇଛି। ବିଗବସ୍‌କୁ ହୋଷ୍ଟ କରୁଥିବା ବଲିଉଡ ଭାଇଜାନ ସଲମାନ ଖାନ ଆଜି ପଞ୍ଜାବ କିଙ୍ଗସର କ୍ୟାପ୍ଟେନଙ୍କ ନାଁ ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁଯାୟୀ, ୨୦୨୫ ଆଇପିଏଲର ମେଗା ଅକ୍ସନରେ ଦ୍ୱିତୀୟ ଦାମୀ ଖେଳାଳି ପଞ୍ଜାବ କିଙ୍ଗସର ଅଧିନାୟକ ଭାବେ କାର୍ଯ୍ୟ କରିବେ ଏହାର ଅର୍ଥ କୋଲକାତା ନାଇଟ ରାଇଡର୍ସର ପୂର୍ବତନ ଅଧିନାୟକ ଶ୍ରେୟସ ଆୟର ପଞ୍ଜାବ କିଙ୍ଗସର ନୂଆ। ଅଧିନାୟକ ହୋଇଛନ୍ତି। ପଞ୍ଜାବର ୩ ଷ୍ଟାର ଖେଳାଳି ଶ୍ରେୟସ ଆୟର, ଯୁଜିଭେନ୍ଦର ଚହଲ ଓ ଶଶାଙ୍କ ସିଂହ ଆଜି ବିଗବସ ମଞ୍ଚକୁ ଆସିଥିଲେ। ଏହି ସମୟରେ ସଲମାନ ଖାନ ମଞ୍ଚ ଉପରେ ଶ୍ରେୟସ ପଞ୍ଜାବର ଅଧିନାୟକ ଭାବେ ନିଯୁକ୍ତ ହୋଇଥିବା କଥା କହିଛନ୍ତି।

୩୦ ବର୍ଷୀୟ ଆୟର ମଧ୍ୟ ଅଧିନାୟକ ପଦ ପାଇଁ ଫ୍ରାଞ୍ଚାଇଜକୁ କୃତଜ୍ଞତା ଜଣାଇଛନ୍ତି।

# ସ୍ୱର୍ଣ୍ଣ ଜିଣିଲେ ଦିବ୍ୟାଙ୍ଗ ଓଡ଼ିଆ ଝିଅ ପାୟଲ

କଥାରେ ଅଛି ଇଚ୍ଛାଶକ୍ତି ଆଗରେ ସବୁ କିଛି ହାର ମାନେ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ଫିକା ପଡ଼ିଯାଏ ଏହାକୁ ପ୍ରମାଣ କରିଦେଖାଇଛନ୍ତି ଓଡ଼ିଶାର ଦିବ୍ୟାଙ୍ଗ ଝିଅ ପାୟଲ ବଲାଙ୍ଗିର ଜିଲ୍ଲା ସହିତ ଦାଦନ ଦୁଃଖ ସବୁବେଳେ ଚର୍ଚ୍ଚାରେ ରହି ଆସିଛି କିନ୍ତୁ ଏହି ଦାଦନ ଦୁଃଖର କାହାଣୀର ସଫଳ ନାୟିକା ସାଜିଛନ୍ତି ପାୟଲ।

ଓଡ଼ିଶା ପାଇଁ ସେ ଜାତୀୟ ସିନିୟର ତୀରନ୍ଦାଜି ଚାମ୍ପିୟନଶିପରେ ଜିତିଛନ୍ତି ସ୍ୱର୍ଣ୍ଣ ହାତ ଗୋଡ଼ ନଥାଇ ବି ସେ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି ଏଥିପାଇଁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ଖୋଦ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋଶାଲ ମିଡିଆରେ ପାୟଲଙ୍କୁ ସ୍ୱର୍ଣ୍ଣ ପଦକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ଦିନେ ପାୟଲଙ୍କୁ ନେଇ ତାଙ୍କ ପରିବାର ଚିନ୍ତାରେ ଥିଲେ କାରଣ ବାପାମା ଦାଦନ ଯାଇଥିବା ବେଳେ ବିଦ୍ୟୁତ ଆଘାତରେ ସେ ୨ ହାତ ଓ ୨ ଗୋଡ଼ ହରାଇଥିଲେ ହାତଗୋଡ଼ ନଥିବା ଛୁଆର ଭବିଷ୍ୟତକୁ ନେଇ ଚିନ୍ତାରେ ଥିଲେ ପରିବାର କିନ୍ତୁ ତାଙ୍କ ପାଇଁ ସେତେବେଳେ ଦେବଦୂତ ସାଜିଥିଲେ ତତକାଳୀନ ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା ଆଉ ଏବେ ପାୟଲ କେବଳ ବଲାଙ୍ଗିର କି ଓଡ଼ିଶାର ନୁହେଁ ବରଂ ଦେଶର ଗୋଲ୍ଡଗାର୍ଲ ପାଲଟି ଯାଇଛନ୍ତି କଟା ଗୋଡ଼ରେ ତୀର ଚଳାଇ ଚାମ୍ପିୟନ ହୋଇଛନ୍ତି ଜାତୀୟ ପାରା ତୀରନ୍ଦାଜ ଟାଇଟଲ ହାସଲ କରି ଏବେ ସାରା ଦେଶରେ ପାୟଲର ଚର୍ଚ୍ଚାରେ ରହିଛନ୍ତି।

୨୦୧୫ ମସିହାରେ ବିଦ୍ୟୁତ ଆଘାତରେ ପାୟଲ ଦିବ୍ୟାଙ୍ଗ ପାଲଟି ଯାଇଥିଲେ ସେତେବେଳେ ଏହି ଖବର ବେଶ ଚର୍ଚ୍ଚାକୁ ଆସିଥିଲା ବିଦ୍ୟୁତ ଆଘାତ ପରେ ଅପରେସନ ଯୋଗୁ ସେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିଲେ ନୀରିହ ମୁହଁରେ ହସି ହସି ସେତେବେଳେ ସେ କହୁଥିଲେ ଯେ ଏବେ ଆଉ ଭଲ ଲାଗୁନାହିଁ କାରଣ ଖେଳିବାକୁ ଇଚ୍ଛା ହେଉଛି, କିନ୍ତୁ ଖେଳି ପାରୁନି ବାସ୍ ୨୦୧୫ ମସିହାରେ କଇଁ କଇଁ କଥା କହୁଥିବା ପାୟଲ ଏବେ କରିସ୍ମା ଦେଖାଇଛନ୍ତି।

ନିଜର କଠିନ ପରିଶ୍ରମ ବଳରେ ସେ ଦେଶର ସମସ୍ତ ପ୍ରତିଭାନ ପାରା ଆଥଲେଟଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରାଜସ୍ଥାନ ଜୟପୁରରେ ଚାଲିଥିବା ଷଷ୍ଠ ଜାତୀୟ ପାରା ତୀରନ୍ଦାଜି କମ୍ପାଉଣ୍ଡ ଓପନ ଟେମେନ ରାଉଣ୍ଡ-୧ କ୍ୟାଟାଗୋରୀରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି ପାୟଲ ନାଗ।

ସବୁଠାରୁ ବଡ଼କଥା ହେଉଛି ଅର୍ଜୁନ ଆର୍ଡ଼ୀ ତଥା ଅଲମ୍ପିୟାନ ଶୀତଳ ଦେବୀଙ୍କୁ ସେ ହରାଇ ଏପରି ସଫଳତା ପାଇଛନ୍ତି ଶୀତଳ ଦେବୀଙ୍କ ହାତ ନାହିଁ ସେ ଗୋଡ଼ରେ ତୀର ମାରନ୍ତି ଶୀତଳଙ୍କ ଭିଡିଓ ଦେଖି ତୀରନ୍ଦାଜ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ପାୟଲ ଏବେ ସେ ଶୀତଳଙ୍କୁ ମାତ ଦେଇ ଚାମ୍ପିୟନ ହୋଇଛନ୍ତି।

ବାପା ମା ଦାଦନ ଦୁଃଖର ପଡ଼ିଥିବା ବେଳେ ପାୟଲ ପାର୍ବତୀଗିରି ବାଳନିକେତନ ରୁହନ୍ତି ପାୟଲ ଏବେ ଜାତୀୟ ସ୍ତରରେ ଚମକିବାରୁ ଆଶ୍ରମର ସଂପାଦିକା ସଂସ୍କୃତି ପଟ୍ଟନାୟକ ଓ ଓ ଜିଲ୍ଲା ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ବେଶ ଖୁସି ବ୍ୟକ୍ତ କରିଛନ୍ତି। ଚାମ୍ପିୟନ ଝିଅର କାହାଣୀ କୌଣସି ସିନେମାଠାରୁ କମ ନୁହେଁ ଦାଦନ ଦୁଃଖର ଅପବାଦ ମୁଣ୍ଡାଇଥିବା ବଲାଙ୍ଗିର ଜିଲ୍ଲା ପାଇଁ ପାୟଲ ଆଣିଛନ୍ତି ସମ୍ମାନର ସନ୍ତକ ଆଜି ଠୁ ଠିକ ଦଶ ବର୍ଷ ତଳେ ବାପା, ମା ଓ ପଡ଼ୋଶୀ ରାୟପୁରରେ ଦାଦନ ଖଟୁଥିଲେ ସେତେବେଳେ ପାୟଲଙ୍କୁ ପ୍ରାୟ ୬ ବର୍ଷ ବୟସ ହୋଇଥିଲା

ଏହି କଅଁଳ ବୟସରେ ପାୟଲ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ ତାଙ୍କୁ ମୃତ୍ୟୁ ସହ ସଂଗ୍ରାମ କରିବାକୁ ପଡ଼ିଥିଲା ଡାକ୍ତରଙ୍କ ପରାମର୍ଶରେ ତାଙ୍କର ୨ ହାତ ଓ ୨ ଗୋଡ଼ କଟାଯାଇଥିଲା ବାସ୍ ଭିନ୍ନକ୍ଷମ ଭତ୍ତା ପାଇ ଘରେ ପଡ଼ିରହିଥିଲେ ପାୟଲ ହେଲେ ୨୦୨୨ ମସିହାରେ ହଠାତ୍ ପାୟଲଙ୍କ ଜୀବନର ମୋଡ଼ ବଦିଳିଥିଲା।

ବଲାଙ୍ଗିର ଜିଲ୍ଲାର ତତକାଳୀନ ଜିଲ୍ଲାପାଳ ଚଂଚଳ ରାଣା ଦିବ୍ୟାଙ୍ଗ ପାୟଲଙ୍କ ପାଇଁ ସହଯୋଗର ହାତ ବଢ଼ାଇଥିଲେ ପ୍ରଥମେ ପାୟଲର ବାପାମାଙ୍କ ସହମତିରେ ତାଙ୍କୁ ବଲାଙ୍ଗିର ସହରରେ ଥିବା ପାର୍ବତୀଗିରି ଆଶ୍ରମକୁ ଅଣାଯାଇଥିଲା ନିକଟସ୍ଥ ସ୍କୁଲରେ ନାଁ ଲେଖାଇ ପାୟାଲ ପାଠ ପଢିବା ଆରମ୍ଭ କରିଥିଲେ ସୁନ୍ଦର ଚିତ୍ର ଅଙ୍କନ କରି ସମସ୍ତଙ୍କ ପ୍ରଶଂସା ସାଉଁଟି ଥିଲେ। ପାୟଲର ଗୁଣ ଦେଖି ତତକାଳୀନ ଜିଲ୍ଲାପାଳ ରାଣା ତାଙ୍କୁ ଦିବ୍ୟାଙ୍ଗ ତୀରନ୍ଦାଜ ଶୀତଲ ଦେବୀଙ୍କ ଭିଡିଓ ଦେଖାଇଥିଲେ ବାସ୍ ଏହି ଭିଡିଓ ଦେଖି ତୀରନ୍ଦାଜ ହେବାକୁ ପଣ କରିଥିଲେ। ପାୟଲ ଏଥିପାଇଁ ଜିଲ୍ଲାପାଳ ସମସ୍ତ ପ୍ରକାରର ସହଯୋଗ କରିଥିଲେ।ଏବେ ପାୟଲ ୧୬ ବର୍ଷ ବୟସର ହୋଇଗଲେଣି ସେ ଟିକିରାପଡ଼ା କଲେଜରେ +୨ର ଛାତ୍ରୀ ୧୬ ବର୍ଷ ବୟସରେ ପାୟଲ ନିଜର ଆଦର୍ଶ ଶୀତଲ ଦେବୀଙ୍କୁ ମାତ ଦେଇ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ପାୟଲଙ୍କ ସଫଳତା ପରେ ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ମୁରିବାହାଲ ବ୍ଲକ ଜମୁନାବାହାଲ ଗାଁରେ ରହୁଥିବା ବାପାମା ବେଶ ଖୁସି ବ୍ୟକ୍ତି କରିଛନ୍ତି

# ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା : ଆଜି ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଗିନି କପ୍ ଚାମ୍ପିଅନ ହୋଇଥିବା ଖୋର୍ଦ୍ଧା କ୍ରିକେଟ କ୍ଲବ୍ କୁ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ସମ୍ବର୍ଦ୍ଧିତ କରିଛନ୍ତିସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍ ଫାଇନାଲ ରେ କଟକ ସୋଲାର କ୍ରିକେଟ କ୍ଲବ୍ କୁ ୫୧ ରନ୍ ରେ ହରାଇ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଥିଲେଅଧିନାୟକ ଭାବରେ ରାକେଶ ପଟ୍ଟନାୟକ ଙ୍କ ୪୨ ରନ ଓ ୩ ଟିକେଟ୍ ନେଇଥିଲେସୁମିତ ମହାରଣା ମଧ୍ୟ ବେଷ୍ଟ ବୋଲର ଭାବେ ଟୁର୍ଣ୍ଣାମେଣ୍ଟ ରେ ସର୍ବାଧିକ ୯ ଟିକେଟ୍ ନେଇ ଦଳ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସର ରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ(ମୁନା ଖାନ) ଉପସ୍ଥିତ ରହି ଖେଳାଳି ଙ୍କୁ ଉତ୍ସାହିତ କରିବା ସହ ଖୋର୍ଦ୍ଧା ରେ କ୍ରୀଡା ଭିତ୍ତିଭୂମି ପାଇଁ ନିଜ ପାଣ୍ଠି ବିନିଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଜିଲ୍ଲା କ୍ରିକେଟ ସଙ୍ଘ ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ,ସମ୍ପାଦକ ତଥା ଓ ସି ଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ଟିମ୍ ମ୍ୟାନେଜର ଚଣ୍ଡି ପ୍ରାସାଦ ଆଚାର୍ଯ୍ୟ,କିରଣ ଶତପଥୀ,ବ୍ରିଜେଶ ପ୍ରଧାନ,ଜିତୁ ପୃଷ୍ଟି,ବିବେକାନନ୍ଦ ବୋଷ, କାଜଲ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେଆଗାମୀ ଦିନରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ କୁ ଆହୁରି ମଜବୁତ କରିବା ସହ ନୂତନ ପିଢ଼ି ର ଖେଳାଳି ମାନଙ୍କ ପାଇଁ କ୍ରୀଡା ଭିତ୍ତିଭୂମି ର ବିକାଶ କରାଯିବ ବୋଲି ସଭାପତି ରାଜେନ୍ଦ୍ର କୁମାର ସାହୁ ଉକ୍ତି ରଖିଥିଲେ। ଉନ୍ନତ କ୍ରୀଡା ସାମଗ୍ରୀ ସହ ଭଲ ପ୍ରଶିକ୍ଷଣ ଉପରେ ବିକାଶ ପ୍ରଧାନ ଆଲୋକପାତ କରିଥିଲେ ଅହି ଅବସରରେ ଦଳ ର କୋଚ ସୌମେନ୍ଦ୍ର ମହାନ୍ତି ଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ସାହୁ ସମ୍ବର୍ଦ୍ଧିତ କରିଥିଲେ ଓ ସାଧୁବାଦ ଦେଇଥିଲେ ଖେଳାଳି ମାନକୁ ଉପହାର ସହ ଭୂରି ଭୋଜନ ର ବ୍ୟବସ୍ଥା କରାଯାଇଥିଲାଶେଷରେ ଖେଳାଳି ମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା ସହ ଚଣ୍ଡି ପ୍ରାସାଦ ଆଚାର୍ଯ୍ୟ ଧନ୍ୟବାଦ୍ ଦେଇଥିଲେ।

## ଓଡ଼ିଶାରେ.... (ପ୍ରଥମ ପୃଷ୍ଠାରୁ)

ଆଉ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି ସେ କହିଥିଲେ।

ଓଡ଼ିଶାର ବିକାଶକୁ ନେଇ କେନ୍ଦ୍ର ସରକାର ଗ୍ରହଣ କରିଥିବା ଅନ୍ୟାନ୍ୟ ପଦକ୍ଷେପ ବିଷୟରେ ମତ ରଖି ଶ୍ରୀ ବୈଷ୍ଣବ କହିଥିଲେ, ଓଡ଼ିଶାର ଚାରୋଟି ବିଶ୍ୱବିଦ୍ୟାଳୟ ସେମି-କଣ୍ଡକ୍ଟର ଶିକ୍ଷା ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି। ସେଠାରେ ସେମି କଣ୍ଡକ୍ଟର ଶିକ୍ଷା ଅତି ଭଲ ଭାବେ ପ୍ରଦାନ କରାଯାଉଛି। ସେମି-କଣ୍ଡକ୍ଟର ଶିକ୍ଷା କାର୍ଯ୍ୟକ୍ରମରେ ଆଉ ପାଂଚଟି ଶିକ୍ଷାନୁଷ୍ଠାନ ଯୋଡିବାକୁ ବିଚାର କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସେ ଆହୁରି କହିଥିଲେ, ଏହାପରେ ଓଡ଼ିଶାରେ ଏକ ସେମି କଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କରିବା ମୁଖ୍ୟ ଲକ୍ଷ୍ୟ ହେବ। ଏହା ଆମ ସମସ୍ତଙ୍କ ପାଇଁ ଏକ ସ୍ୱପ୍ନର ପ୍ରକଳ୍ପ ହେବ। ଏହାକୁ ହାସଲ କରିବା ପାଇଁ, ଆମେ ସମସ୍ତେ ବହୁତ ଉତ୍ସାହ ଏବଂ ପ୍ରୟାସ ସହିତ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଆଗାମୀ ଦୁଇ ତିନି ବର୍ଷ ମଧ୍ୟରେ ଆମେ ଏହି ସ୍ୱପ୍ନକୁ ପୂରଣ କରିବାର ଲକ୍ଷ୍ୟ ରଖିଛୁ।

ସେ ପୁଣି କହିଥିଲେ, ମୁଖ୍ୟମନ୍ତ୍ରୀ ରେଳବାଇ କ୍ଷେତ୍ରରେ ମଧ୍ୟ ବହୁତ ସହଯୋଗ କରୁଛନ୍ତି। ଜମି ଅଧିଗ୍ରହଣକୁ ନେଇ କିଛି ସମସ୍ୟା ରହିଥିବା ବେଳେ ଏହାକୁ ନେଇ ଆଲୋଚନା ହୋଇଛି ଏବଂ ସେ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ରେଳ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବର୍ତ୍ତମାନ ଚାଲୁଥିବା ରେଳ ପ୍ରକଳ୍ପ ପାଇଁ ଓଡ଼ିଶାରେ ମୋଟ ୭୩ ହଜାର କୋଟି ଟଙ୍କା ନିବେଶ କରିଛନ୍ତି। ଭଗବାନ ଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ଜାରି ରହିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଏହି ଏମଓୟୁ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ କାହାଣୀରେ ଏକ ନୂତନ ଆରମ୍ଭ କାରଣ ଏହା ରାଜ୍ୟର ସାଢ଼େ ୪ କୋଟି ପରିବାରକୁ ଲାଭାନ୍ୱିତ କରିବ। ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ ଦୁଇଟି ସ୍ୱାସ୍ଥ୍ୟସେବା ଯୋଜନାର ସମନ୍ୱୟ ସହିତ ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉଲ୍ଲେଖନୀୟ ବୃଦ୍ଧି ହେବ। ରାଜ୍ୟର ସମସ୍ତ ଜିଲ୍ଲାରେ ଡିଜିଟାଲ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଏବି ପିଏମ୍ - ଜେଏୱାଇ ଦ୍ୱାରା ରାଜ୍ୟର ଜନସାଧାରଣ, ବିଶେଷ କରି ଆଦିବାସୀ, ଅବହେଳିତ ଏବଂ ପ୍ରବାସୀ ଲୋକଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ କହିଥିଲେ।

କନକ ବର୍ଦ୍ଧନ ସିଂହ କହିଥିଲେ ଯେ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏବି ପିଏମ୍ - ଜେଏୱାଇ ସହିତ ଯୋଡ଼ିବା ଦ୍ୱାରା ଓଡ଼ିଶା ଏବେ ସ୍ୱାସ୍ଥ୍ୟଗତ ଅସମାନତା ଦୂର କରିବା, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କୁ ପ୍ରାଥମିକତା ଦେବା ଏବଂ ସହରାଂଚଳ ଓ ଗ୍ରାମାଂଚଳ ମଧ୍ୟରେ ଥିବା ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ଦୂର କରିବାରେ ସକ୍ଷମ ହୋଇପାରିବ।

ଓଡ଼ିଶା ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଲ୍ଲେଖ କରିଥିଲେ ଯେ ଏହି ଏମଓୟୁ ଓଡ଼ିଶାର ବାସିନ୍ଦା ଏବଂ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ସାରା ଦେଶରେ ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବାର ମାର୍ଗ ପ୍ରଶସ୍ତ କରିବ।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥା ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ କୁମାର ଧଳ